## କୃଷି ବିଭାଗ ଉପରେ ଚାଷୀଙ୍କ ବିଶ୍ୱାସ ନାହିଁ !

# କଳାବଜାର ଧରିପଡ଼ିଲାପରେ ବି ସମ୍ପୂର୍ଣ୍ଣ ସିଲ୍ ହେଲାନି

**ସମ୍ବଲପୁର, ୧୯।୮ (ସମିସ)**



ସମ୍ବଲପୁର ସଦର ମହକୁମା କୃଷି କାର୍ଯ୍ୟାଳୟଠାରୁ ଅନତି ଦୂରରେ ବରେଇପାଲିରେ ପ୍ରାଇଭେଟ୍ ସଂସ୍ଥା ଦୁଇଗୁଣା ଦରରେ ସାର ବିକ୍ରୟ କରୁଥିବାବେଳେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ତାହାର ପର୍ଦ୍ଦାଫାଶ କରିବାସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ତେବେ, କୃଷି ଅଧିକାରୀମାନେ ତାହାର କେବଳ ଗୋଟିଏ ପାର୍ଶ୍ୱ (ଡିଲର୍) ସିଲ୍ କରିଥିବାବେଳେ ଅନ୍ୟ ପାର୍ଶ୍ୱରେ ହୋଲସେଲ୍‌ଫରେ ୟୁରିଆ ସାର ବିକ୍ରୟ ଚାଲିଛି। ଦୋକାନୀ ଡିଲର୍ ରସିଦ ପୋଡ଼ିଯାଇଥିବା କହିଥିବାବେଳେ ତାହାକୁ କୃଷି ବିଭାଗ ଅଧିକାରୀମାନେ ମାନିଯାଇ ଦୋକାନୀକୁ ସମର୍ଥନ କରୁଥିବା ଦେଖାଯାଉଛି। ଏଭଳି କାର୍ଯ୍ୟର ପ୍ରତିବାଦ କରି ଆଜି କୃଷକ ସଙ୍ଗଠନ ପକ୍ଷରୁ ଚାଷୀମାନେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ଘେରିଥିଲେ। କୃଷି ଅଧିକାରୀଙ୍କ ଉପରେ ସେମାନଙ୍କ ବିଶ୍ୱାସ ତୁଟି ଯାଇଥିବା କହିଥିଲେ। ଚାଷୀ ଚାଷ କାର୍ଯ୍ୟ ଛାଡ଼ି ବାରମ୍ବାର କୃଷି କାର୍ଯ୍ୟାଳୟକୁ ଆସି ଅଭିଯୋଗ କରୁଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। କୃଷି ଅଧିକାରୀ କେବଳ ଆମେ ଚଢ଼ଉ କରିବୁ, ଯାଞ୍ଚ କରିବୁ ବୋଲି କହୁଛନ୍ତି। ଚାଷୀମାନେ ଯାଞ୍ଚ କରି ସାର କଳାବଜାର ନେଇ ପ୍ରକୃତ ତଥ୍ୟ ଉନ୍ମୋଚନ କରିବାବେଳକୁ ଦୋକାନ ସିଲ୍, ଲାଇସେନ୍ସ ବାତିଲ, ଦୋକାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଚାଷୀକୁ ଲେଖି ଦେବାସହିତ ଦସ୍ତଖତ କରିବାକୁ କୁହାଯାଉଛି। ଦୋକାନୀ ଓ କୃଷି କାର୍ଯ୍ୟାଳୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଚାଷୀ ଅଭିଯୋଗ କରିଛି। ଏଭଳି ସ୍ଥିତିରେ କାହିଁକି ଏଠାରେ ଏକ କୃଷି କାର୍ଯ୍ୟାଳୟ ରହିଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷି କାର୍ଯ୍ୟାଳୟ ସ୍ଥାଣୁ ହୋଇଯାଇଛି। ବାରମ୍ବାର ସାର ମାମଲାରେ ଚାଷୀମାନେ କୃଷି ଅଧିକାରୀଙ୍କୁ ଘେରିବାସହ ତାଗିଦ କଲେ ମଧ ଫଳାଫଳ 'ଶୂନ' ରହୁଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହେମନ୍ତ ଜେନା ଚାଷୀମାନଙ୍କୁ ଅଭିଯୋଗ କରିବାକୁ କହିବାସହ ଚଢ଼ଉ କରାଯିବ ବୋଲି କହି କଥାକୁ ଏଡ଼ାଇ ଯାଉଛନ୍ତି। ମାସକ ତଳେ ଜୁଲାଇ ୧୪ ତାରିଖ ଖରିଫ ଚାଷ ଆରମ୍ଭ ହୋଇଥିବାବେଳେ ଡିଏପି ସାର (କାଦୁଅ ସାର) ଓ କମ୍ପ୍ଲେକ୍ସ ସାର ଅଭାବ ନେଇ ଅଭିଯୋଗ କରିଥିଲେ। ସେତେବେଳେ ସିଡିଏଓ ଶ୍ରୀ ଜେନା ବ୍ଲକ କୃଷି ଅଧିକାରୀ, ଏଏଓ, ସାର ନୀରିକ୍ଷକଙ୍କ ଦ୍ୱାରା ବିଭିନ୍ନ ବ୍ୟବସାୟୀଙ୍କ ଷ୍ଟକ୍ ଯାଞ୍ଚ କରାଯିବ ଏବଂ କଳାବଜାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ କହିଥିଲେ। କିନ୍ତୁ ଚଢ଼ଉ କରାଗଲା ନା'ନାହିଁ ସେନେଇ କୌଣସି ତଥ୍ୟ ମିଳିପାରିନାହିଁ। ଏହାପରେ ପୁଣି ଗତ ଅଗଷ୍ଟ ୧୪ ତାରିଖରେ ୟୁରିଆ ସାର କଳାବଜାରୀ ନେଇ ଚାଷୀମାନେ କୃଷି ଅଧିକାରୀଙ୍କୁ ଅବଗତ କରିଥିଲେ। ଏହାପରେ କୃଷକ ସଙ୍ଗଠନ ପକ୍ଷରୁ ୧୬ ତାରିଖରେ ଚାଷୀମାନେ ସଦର ଉପଖଣ୍ଡ କୃଷି କାର୍ଯ୍ୟାଳୟଠାରୁ ମାତ୍ର କେଇଶହ ମିଟର ଦୂରରେ ଥିବା ବରେଇପାଲିସ୍ଥିତ ଇଣ୍ଡିଆନ ଏଣ୍ଟରପ୍ରାଇଜେସ୍‌ରେ ପହଞ୍ଚି ପ୍ୟାକେଟ୍‌ପିଛା ୨୬୭ ଟଙ୍କା ମୂଲ୍ୟର ୟୁରିଆ ସାର ୫୨୦ ଟଙ୍କାରେ ବିକ୍ରୟ କରୁଥିବା ଧରିଥିଲେ। ଏହାପରେ ଉକ୍ତ ଦୋକାନ ସିଲ୍, ଦୋକାନୀର ଷ୍ଟକ୍ ଯାଞ୍ଚ କରିବାସହ ଲାଇସେନ୍ସ ବାତିଲ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା। କିନ୍ତୁ କୃଷି କାର୍ଯ୍ୟାଳୟର ଅଧିକାରୀମାନେ ତାହାକୁ କେବଳ ଡିଲର୍ ଅଂଶକୁ ସିଲ୍ କଲେ ଏବଂ ସେହିଦିନ ଉପରେବେଳା ଉକ୍ତ ଦୋକାନୀ ହୋଲସେଲ୍‌ଫ ଅଂଶରେ ୟୁରିଆ ସାର ବିକ୍ରୟ କରିବା ଅଭିଯୋଗ ହୋଇଥିଲା। ଏହା କିଭଳି କାର୍ଯ୍ୟାନୁଷ୍ଠାନ ବୋଲି ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ସମ୍ବଲପୁର ଜିଲ୍ଲା ଉପାନ୍ତ ଅଞ୍ଚଳ ତଥା ଗ୍ରାମାଞ୍ଚଳରେ ସାର କଳାବଜାରୀ ହେଉଥିବାବେଳେ ସମ୍ବଲପୁର ସଦର ମହକୁମାରେ କେବେ ଏଭଳି ସାର କଳାବଜାରୀ ହେବାର ଇତିହାସ ନାହିଁ। ପ୍ୟାକ୍ସ ମାନଙ୍କରେ 'ଶୂନ' ସାର ମହଜୁଦ ରହିବାବେଳକୁ ପ୍ରାଇଭେଟ୍ ଦୋକାନୀ କଳାବଜାରୀ କରୁଛନ୍ତି। ଦୋକାନ ସିଲ୍‌କୁ ନେଇ ଦୋଷୀ ମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଗଲେ ସମଗ୍ର ଜିଲ୍ଲାର ଚାଷୀମାନଙ୍କୁ ଆଶ୍ୱସ୍ତି ମିଳିବ ବୋଲି ସମନ୍ୱୟ ସମିତି ଆବାହକ ଶ୍ରୀ ପ୍ରଧାନ ଦାବି କରିଛନ୍ତି। ସମ୍ବଲପୁର ସଦରରେ ୫୦୦ ଟଙ୍କାରେ ସାର ବିକ୍ରୟ ହେଉଥିବାବେଳେ ଉପାନ୍ତ କୁଚିଣ୍ଡା, ରେଢ଼ାଖୋଲ ଅଞ୍ଚଳରେ ତାହା ୭୦୦ ଟଙ୍କାରେ ବିକ୍ରୟ ହେଉଥିବ। ଜିଲ୍ଲା ପ୍ରଶାସନ ଜମି କାଦୁଅ କଲା ସମୟରେ କମ୍ପ୍ଲେକ୍ସ ସାରର ଦର ବହୁ ବିଳମ୍ବରେ ଆସିବା ବେଳକୁ ଚାଷୀ ହଜାର ହଜାର ବସ୍ତା ସାର ଉଠାଇ ସାରିଥିଲା, ସେଭଳି ନକରି ଏହାକୁ ଗୁରତ୍ୱର ସହିତ ନେଇ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସେ କହିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ରଙ୍କ ଅନୁଯାୟୀ, ଜିଲ୍ଲା କୃଷି ବିଭାଗ ପକ୍ଷରୁ ଚାଷୀକୁ ସହଯୋଗ କରାଯାଉନାହିଁ। ପ୍ୟାକ୍ସ / ଲ୍ୟାମ୍ପସ୍ ମାନଙ୍କରେ ସାର ନଥିବାବେଳେ ପ୍ରାଇଭେଟ୍ ଦୋକାନରେ ସାର ବହୁଳଭାବେ ମହଜୁଦ ରହୁଛି। କୃଷି ଅଧିକାରୀମାନେ ଚାଷୀଙ୍କ ପକ୍ଷ ନନେଇ ଦୋକାନୀ ମାନଙ୍କ ପକ୍ଷ ନେଉଛନ୍ତି। ଏହି ଦୋକାନ ସିଲ୍ ଘଟଣାର ତଦନ୍ତ କରିବାସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସମ୍ପାଦକ ଦେବେନ ପ୍ରଧାନ କହିଛନ୍ତି, ଗତ ୧୬ ତାରିଖ କୃଷକ ସଙ୍ଗଠନ ପକ୍ଷରୁ ପ୍ରାଇଭେଟ୍ ଡିଲର୍ ବରେଇପାଲିସ୍ଥିତ ଇଣ୍ଡିଆନ ଏଣ୍ଟରପ୍ରାଇଜ୍‌ଠାରୁ ଗୋପାଳପାଲି, କିଲାସମା, ତାଲବ ଆଦି ଅଞ୍ଚଳର ଛୋଟ ଛୋଟ ଚାଷୀମାନେ ସାର ନେଉଥିଲେ। ୟୁରିଆ ପ୍ୟାକେଟ୍ ପିଛା ୫୨୦ ଟଙ୍କା ବିକ୍ରି କରୁଥିବା ଜଣାପଡ଼ିଥିଲା। ଏହାକୁ ସଙ୍ଗଠନ ବିରୋଧ କରିଥିଲା। ପରଦିନ ଦେଖିବାବେଳକୁ ଅଧା ଖୋଲା ଓ ଅଧା ବନ୍ଦ ଥିଲା ଓ ସାର ବିକ୍ରି ଚାଲିଥିଲା। ଛୋଟ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏଣୁ ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ ଦାବି କରିଛନ୍ତି।

ସମ୍ବଲପୁର ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା କହିଛନ୍ତି, ଚାଷୀ ସଙ୍ଗଠନ ପକ୍ଷରୁ ଆଜି ଦୋକାନ ସିଲ୍‌ରେ ଅନିୟମିତତାକୁ ନେଇ ଅଭିଯୋଗ କରାଯାଇଛି। ଆସନ୍ତାକାଲି ନିଜେ ସ୍ଥିତି ଅନୁଧ୍ୟାନ ପରେ ଆବଶ୍ୟକସ୍ଥଳେ ଉକ୍ତ ଦୋକାନୀଙ୍କ ଲାଇସେନ୍ସ ବାତିଲ କରାଯିବ।

## ନବୀନଙ୍କ ସୁସ୍ଥତା ପାଇଁ ବିଜେଡି ପକ୍ଷରୁ ମା'ସମଲେଇଙ୍କ ପାଖରେ ପ୍ରାର୍ଥନା



**ସମ୍ବଲପୁର, ୧୯।୮ (ସମିସ):** ବିରୋଧୀ ଦଳ ନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ହସ୍ପିଟାଲରେ ସଫଳ ଭାବେ ଚିକିତ୍ସିତ ହେବା ପରେ ତାଙ୍କର ଦ୍ରୁତ ଆରୋଗ୍ୟ ତଥା ସୁସ୍ଥ ଏବଂ ନିରାମୟ ଜୀବନ ପାଇଁ ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରାଯାଇଛି। କିଛି ଦିନ ପୂର୍ବରୁ ଶ୍ରୀ ପଟ୍ଟନାୟକ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ବର୍ତ୍ତମାନ ସଫଳ ଭାବେ ତାଙ୍କର ଚିକିତ୍ସା ଶେଷ ହୋଇ ଧୀରେ ଧୀରେ ଆଶୁ ଆରୋଗ୍ୟ ଲାଭ କରୁଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତା ବସନ୍ତ ମିଶ୍ର, ସୁରୁବାବୁ ମେହେର, ଭାବେଶ ଚାନ୍ଦ, ପ୍ରହ୍ଲାଦ ଗୁରୁ, ସିପ୍ରା ମହାନ୍ତି, ଉଷା ପ୍ରଧାନ, ସଂଯୁକ୍ତା ମେହେର, ସୁରେନ୍ଦ୍ର ବିଶ୍ୱାଳ, ବଳି ଗୌଡ଼, ଦେବାଶିଷ ପରିଡ଼ା, ଧର୍ମରାଜ ମରେଇ, ରବୀନ୍ଦ୍ର ସିଂ, ଅନ୍ମୋଲ୍ ଦାସ, ସୁକେଶ ସିଂ, ଶିବ ପ୍ରସାଦ ସାହୁ, ସୁଦାମ ବାଗ, ଭାସ୍କର ଦାସ, ବିଜୟ ପଣ୍ଡା, ଶେଷଦେବ ଗୁରୁ, ବ୍ରହ୍ମଦେବ ମହାନ୍ତି, ରାଜ କିଶୋର ହରିପାଲ, ସୁରେଖା ସାହୁ, ନନ୍ଦିନୀ ପ୍ରଧାନ, ଶ୍ୱେତା ନାୟକ, ତ୍ରିବେଣୀ ପଣ୍ଡା, ମାମି ଆୟନ, ସସ୍ମିତା ଦେହୁରୀ, ଲିଲିମା ମଲ୍ଲିକଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଓ ନେତୃମଣ୍ଡଳୀ ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହ ଦୀପ ପ୍ରଜ୍ୱଳନ କରିଥିଲେ।

## ବିଶ୍ୱ ଫଟୋଗ୍ରାଫି ଦିବସରେ ଫଟୋ ପ୍ରଦର୍ଶନୀ



**ସମ୍ବଲପୁର, ୧୯।୮ (ସମିସ):** ସମ୍ବଲପୁର ଜିଲ୍ଲାର ଅନେକ ଲୋକଙ୍କ ପାଖରେ କିଛି ନା' କିଛି ସ୍ମୃତି ଭଳିଆ ଫଟୋ ରହିଥିବ। ଆଗାମୀ ଦିନରେ ଏହାକୁ ବଡ଼ ଆକାରରେ କରିବାସହ ସେହି ଅନନ୍ୟ ଫଟୋଗ୍ରାଫ୍ ଗୁଡ଼ିକୁ ଯୋଡ଼ିବା। ପ୍ରଦର୍ଶନୀରେ ଶ୍ରେଷ୍ଠ ଫଟୋ ଚୟନ କରି ରଖିପାରିବା। ପୁରୁଣା ଫଟୋ ଗୁଡ଼ିକର ଏକ ପୁସ୍ତକ ଆକାରରେ କରିବା ଆବଶ୍ୟକ ତଦ୍ୱାରା ଯେଉଁମାନେ ଆମ ପାଖକୁ ଆସୁଛନ୍ତି, ସେମାନେ ଏଭଳି ପୁରୁଣା ଫଟୋ ଗୁଡ଼ିକ ଦେଖିପାରିବେ। ଯେପରିକି ସମଲେଶ୍ୱରୀ ମନ୍ଦିର ଓ ପରିସର ଆଗରୁ କେମିତି ଥିଲା, ଏବେ କେମିତି ଅଛି, ସମ୍ବଲପୁର ଆଗରୁ କେମିତି ଥିଲା ଏବେ କେମିତି ହୋଇଛି, ହୀରାକୁଦ ନଦୀବନ୍ଧ ପ୍ରଥମରୁ କିପରି ଥିଲା ଏବଂ ଏବେ କିଭଳି ବିକଶିତ ହୋଇଛି, ଏହିସବୁ ଫଟୋଗ୍ରାଫ ସଂକଳନ କରି ପ୍ରକାଶିତ କଲେ ତାହା ନୂତନ ପିଢ଼ି ଜାଣିବା ସହ ବାହାରୁ ଆସୁଥିବା ପର୍ଯ୍ୟଟକ ଓ ଗବେଷକ ମାନେ ଉପକୃତ ହୋଇପାରିବେ ବୋଲି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି। ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସମ୍ବାଦିକ ଭବନରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଜିଲ୍ଲାପାଳ ଉଦ୍‌ଘାଟନ କରିଥିଲେ। ଏଥିରେ ପୁରୁଣା ସମ୍ବାଦପତ୍ର, ଐତିହାସିକ ଫଟୋ, ପୋଟ୍ରେଟ୍ ଫୋଟୋଗ୍ରାଫି, ଟ୍ରାଭେଲ ଫଟୋଗ୍ରାଫି ସହ ଅନନ୍ୟ ଫଟୋ ଗୁଡ଼ିକ ପ୍ରଦର୍ଶିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ସଭ୍ୟ ଅର୍ଜନ ରଞ୍ଜନ ପଣ୍ଡା, ସାଧାରଣ ସମ୍ପାଦକ ଶଙ୍କର ବେହେରା ମଞ୍ଚାସୀନ ଥିଲେ। ଏହି ପ୍ରଦର୍ଶନୀ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ।

## ସୁରକ୍ଷିତ ସେପ୍ଟିକ ଟ୍ୟାଙ୍କ ସଫେଇ ନେଇ ସଚେତନତା




**ସମ୍ବଲପୁର, ୧୯।୮ (ସମିସ):** ସୁରକ୍ଷିତ ଓ ନିରାପଦ ଭାବେ ସେପ୍ଟିକ ଟ୍ୟାଙ୍କ ସଫେଇ ନେଇ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ୧୫ ଦିନିଆ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ନିରାପଦ ପରିମଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ 'ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ଶୀର୍ଷକରେ ଅଭିଯାନ ଆରମ୍ଭ ହୋଇଛି। ଅଭିଯାନକୁ ଆନୁଷ୍ଠାନିକ ଭାବରେ ଏସ୍ଏମସି କମିଶନର ରେହାନ ଖେତ୍ରୀଙ୍କ ଅଧ୍ୟକ୍ଷତାରେ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର, ଡେପୁଟି କମିଶନର (ପରିମଳ), ସ୍ୱଚ୍ଛସାଥୀ, ସ୍ୱଚ୍ଛ ପର୍ଯ୍ୟବେକ୍ଷକ, ୱାର୍ଡ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେପ୍ଟିକ ଟ୍ୟାଙ୍କ ସଫେଇ ବେଳେ କର୍ମଚାରୀଙ୍କୁ ଆଇନଗତ ବ୍ୟବସ୍ଥା ବିଷୟରେ ଜନସଚେତନତା ବୃଦ୍ଧି କରିବା, ପଞ୍ଜିକୃତ ଠିକାଦାରଙ୍କ ବ୍ୟବହାରର ଗୁରୁତ୍ୱ ବିଷୟରେ ନାଗରିକଙ୍କୁ ଶିକ୍ଷା ଦେବା ଓ ଉପଯୁକ୍ତ ସୁରକ୍ଷା ଉପକରଣ ଏବଂ ପଦକ୍ଷେପ ସହିତ ସଜ୍ଜିତ ଲାଇସେନ୍ସପ୍ରାପ୍ତ ସେବା ପ୍ରଦାନକାରୀଙ୍କ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଅଭିଯାନର ଉଦେଶ୍ୟ ରହିଛି। ଟ୍ୟାଙ୍କ ସଫା କରିବା ସେବା ପାଇଁ ଟୋଲ ଫ୍ରି ନମ୍ବର-୧୪୪୨୦କୁ ଯୋଗାଯୋଗ କରିବା। ଏହି ଅଭିଯାନ ବିଷୟରେ ଲୋକେ ସଚେତନ ହେବା ପାଇଁ ସ୍ୱଚ୍ଛ ସାଥୀ ଏବଂ ସୁପରଭାଇଜରମାନଙ୍କ ଦ୍ୱାରା ଘର ଘର ବୁଲି ସଚେତନ କରିବେ। ବିଭିନ୍ନ ୱାର୍ଡରେ ଷ୍ଟିକରିଂ କରାଯିବ। ଅଳିଆ ସଂଗ୍ରହ ଯାନ ମାଧ୍ୟମରେ ମାଇକିଂ ଘୋଷଣା ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ। ଟାଙ୍କି ସଫେଇ ବେଳେ ପଞ୍ଜିକୃତ ନ ଥିବା ବ୍ୟକ୍ତି କିମ୍ବା ଏଜେନ୍ସିଗୁଡ଼ିକୁ ଯୋଗାଯୋଗ ନ କରିବାକୁ ଏସ୍ଏମସି ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଉପଜିଲ୍ଲାପାଳ ନିର୍ଦ୍ଦେଶକୁ ତହସିଲଦାରଙ୍କ ଅମାନ୍ୟ

# କୋଠା ନିର୍ମାଣ ପାଇଁ ଅଢ଼େଇ ଏକର୍ ଜାଗା ମିଳୁନି

**ଜମନକିରା, ୧୯।୮ (ସମିସ):** ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଅଫିସ୍ ଏବଂ କର୍ମଚାରୀ ବାସଗୃହ, ପ୍ରଶିକ୍ଷଣ ହଲ୍, ପାର୍କିଂ ବ୍ୟବସ୍ଥା, ପତାକା ପୋଷ୍ଟ ଆଦି କୋଠା ନିର୍ମାଣ ପାଇଁ ଅତିକମରେ ଅଢେଇ ଏକର ଜମି ଦେବାକୁ ନିର୍ଦ୍ଦେଶ ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଚିଠି ସଂଖ୍ୟା ୭୮୮୧, /ତା.୨୭/୨/୨୦୨୫, ପୁଣି ଥରେ ଆଇଇଭି/ ଡିଏମ୍ ବିଭାଗ ଚିଠି ସଂଖ୍ୟା ୧୫୬୮୪, ତା.୨୮.୪.୨୦୨୫ ଏବଂ ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁରଙ୍କ ଚିଠି ସଂଖ୍ୟା ୭୮୩୫, ତା.୬.୫.୨୦୨୫ ଅନୁଯାୟୀ ଜମନକିରା ତହସିଲଦାରଙ୍କୁ ପ୍ରାୟ ୨.୫୦ ଏକର ସରକାରୀ ଜାଗା ଚିହ୍ନଟ କରି ପ୍ରସ୍ତାବ ଦାଖଲ କରିବାକୁ ଆଦେଶ ମିଳିଥିଲା। ଗତ ମେ ମାସ ୩୧ ତାରିଖ ସୁଦ୍ଧା ଜାଗା ଚିହ୍ନଟ ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦାଖଲ କରିବାକୁ ଚିଠିରେ ଉଲ୍ଲେଖ ଥିବା ବେଳେ ରାଜ୍ୟ ସରକାରଙ୍କ ନିକଟକୁ ଜୁନ୍ ୧୫ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରାଯିବ ବୋଲି ସମୟ ସୀମା ଧାର୍ଯ୍ୟ କରି ସୂଚୀତ କରାଯାଇଥିଲା। କୁଚିଣ୍ଡା ଉପଜିଲ୍ଲାପାଳ ଏବଂ ବିଇଓ ଅଫିସରୁ ବାରମ୍ବାର ଚିଠି ଲେଖି ଅବଗତ କରିଥିଲେ ହେଁ ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗ ଓଲଟା ବିଇଓଙ୍କୁ ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ମାଗି ନୀରବ ରହିଛନ୍ତି। ତହସିଲଦାର ସୁଶ୍ରୀ ବିଲୁଙ୍ଗଙ୍କୁ ଉପଜିଲ୍ଲାପାଳ ବାରମ୍ବାର ଚିଠି ଲେଖିବା ସତ୍ତ୍ୱେ ବିଇଓ ଅଫିସ୍ ଏବଂ କର୍ମଚାରୀଙ୍କ ବାସଗୃହ ସାଙ୍ଗକୁ ପ୍ରଶିକ୍ଷଣ ହଲ୍ ନିର୍ମାଣ ପାଇଁ ସରକାରୀ ଜମି ଆବଣ୍ଟନ କରୁ ନାହାନ୍ତି। କୁଚିଣ୍ଡା ଠାରେ ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ଏବଂ କୁଚିଣ୍ଡା ଉପଜିଲ୍ଲାପାଳ ସମୀକ୍ଷା ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଜାଣିବାକୁ ଚାହିଁଥିଲେ। ଯେହେତୁ ବ୍ଲକ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକର ତଦାରଖ ସାଙ୍ଗକୁ ପ୍ରଶାସନ ନିକଟରେ ଉତ୍ତରଦାୟୀ ରହିଥାଏ ବିଇଓ ଅଫିସ୍ କୋଠା ନିର୍ମାଣ ସହିତ ଏହାର ଭିତ୍ତିଭୂମି ସୁଦୃଢ଼ କରିବାକୁ ଜରୁରୀ ଥିବାରୁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାରୀ ଜମି ଯୋଗାଇ ଦେବାକୁ କୁହାଯାଇଛି। କିନ୍ତୁ ତହସିଲଦାର ବିଇଓଙ୍କ ନିକଟକୁ ସରକାରୀ ମାର୍ଗଦର୍ଶିକା ମାଗି ନିରବ ରହିଛନ୍ତି। ଯାହାକି ପ୍ରାଥମିକ ଶିକ୍ଷକ ମହଲ ରେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏନେଇ ତହସିଲଦାର ପ୍ରବୀଣା ବିଲୁଙ୍ଗଙ୍କୁ ଫୋନ୍ କରି ପଚାରିବାରୁ ବିଇଓ ଅଫିସ ପକ୍ଷରୁ ବିଧିବଦ୍ଧ ଭାବେ ଏକ ନିର୍ଦ୍ଦିଷ୍ଟ ଫର୍ମ ଯୋଗେ ଅଢେଇ ଏକର ଜାଗା ଦେବାକୁ ଆବେଦନ କରାଯିବ। ପରେ ଆବେଦନ ଉପରେ ଯାଞ୍ଚ କରାଯିବା ସହ ଜମି ସର୍ଭେ କରି ଉପଯୁକ୍ତ କାଗଜାତ ପରେ ଜମିପଟ୍ଟା ଯୋଗାଇ ଦେବାର ନୀତିଗତ ବ୍ୟବସ୍ଥା ରହିଥିବା ସୁଶ୍ରୀ ପ୍ରବୀଣା ବିଲୁଙ୍ଗ କହିଛନ୍ତି।

**ବିଇଓଙ୍କୁ ମାର୍ଗଦର୍ଶିକା ମାଗି ତହସିଲଦାର ନିରବ**

## ପଶ୍ଚିମ ଓଡ଼ିଶା ସୁଟିଂ ଚାମ୍ପିଅନସିପ୍‌ରେ ସମ୍ବଲପୁରକୁ ୪ ସ୍ୱର୍ଣ୍ଣ

ସମ୍ବଲପୁର, ୧୯।୮ (ସମିସ): ଝାରସୁଗୁଡାରେ ଆୟୋଜିତ ପ୍ରଥମ ପଶ୍ଚିମ ଓଡ଼ିଶା ଏୟାର ଓପନ ସୁଟିଂ ଚାମ୍ପିଅନସିପରେ ସମ୍ବଲପୁରକୁ ସଫଳତା ମିଳିଛି। ଏଥିରେ ସମ୍ବଲପୁରକୁ ୪ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟାଏ ବ୍ରୋଞ୍ଜ ପଦକ ମିଳିଛି। ଝାରସୁଗୁଡ଼ା ସୁଟିଂ ସ୍ପୋର୍ଟ୍ସ ଆସୋସିଏସନ ଓ ସମ୍ବଲପୁର ରାଇଫଲ ଆସୋସିଏସନର ମିଳିତ ସହଯୋଗରେ ଏହି ଚାମ୍ପିଅନସିପ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବ ଅଗଷ୍ଟ ୧୫ରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ରାଇଫଲ ଆସୋସିଏସନର ସଭାପତି କ. ପ୍ରଭାତ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ଓଡ଼ିଶା ରାଇଫଲ ଆସୋସିଏସନର ଆଶିଷ ନାୟକ, ଉପସଭାପତି ଓଡ଼ିଶା ହକି ଆସୋସିଏସନର ଜୀବନ ମହାନ୍ତି ଓ ପ୍ରାଞ୍ଜଳ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ରାଇଫଲ ଆସୋସିଏସନର ସମ୍ପାଦକ ଅର୍ଦ୍ଧେନ୍ଦୁ ଓ ଝାରସୁଗୁଡ଼ା ସୁଟିଂ ଆସୋସିଏସନର ସମ୍ପାଦକ ଅତିଶ ନାଏକ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏମ୍‌ଡି ସାଜିଦ ରଜା, ଭିଶେଷ ମୁଦ୍ରା, ସମ୍ପୂର୍ଣ୍ଣା କୌର ଓ ସୁକାନ୍ତ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ସିଦ୍ଧାର୍ଥ ଶର୍ମା, ଆଦିଦେବ ସାହୁ ରୌପ୍ୟ ହାସଲ କରିଥିବା ବେଳେ ବିଶ୍ୱସ୍ମିତା ପ୍ରଧାନ କାଂସ୍ୟ ପଦକ ହାସଲ କରିଛନ୍ତି।

## ଆଇଓସିଏଲ୍‌ରେ ଏନ୍‌ଡିଆର୍‌ଏଫ୍ ଦ୍ୱାରା ଫାମେକ୍ସ କାର୍ଯ୍ୟକ୍ରମ



**ସମ୍ବଲପୁର, ୧୯।୮ (ସମିସ):** ସମ୍ବଲପୁର ନକ୍ସାପାଲିସ୍ଥିତ ଆଇଓସିଏଲ୍‌ଠାରେ ଏନ୍‌ଡିଆରଏଫ୍ ଦ୍ୱାରା ଜନସାଧାରଣଙ୍କୁ ଦୁର୍ଘଟଣା ସମୟରେ ସଚେତନ ଓ ସଜାଗ କରିବା ଉଦ୍ଦେଶ୍ୟରେ ଏକ ଫାମେକ୍ସ (ଫେମିଲିଆରାଇଜେସନ୍ ଏକ୍ସରସାଇଜ୍) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଇନ୍ସପେକ୍ଟର ଅଭିଜିତ ସାହୁ, ସବ୍-ଇନ୍ସପେକ୍ଟର ଅଭିଷେକ ଶର୍ମା ଏବଂ ଟିମ୍ ସଦସ୍ୟ ସିଟି/ଜିଡି ରାଜେନ୍ଦ୍ର ଓ ପ୍ରଭାତ ପଟେଲ, ସିଟି ତୁଳସୀ, ବିଜୟ ଓ ସମ୍ବମୂର୍ତ୍ତି, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା, ଫେକ୍ଟ୍ରି ଆଣ୍ଡ ବଏଲର୍ ଅତିରିକ୍ତ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତ, ସଦର ପୁଲିସ ଏସ୍‌ଡିପିଓ ତୋଫାନ ବାଗ, ସହକାରୀ ଅଗ୍ନିଶମ ଅଧିକାରୀ ସୁଦାମ କିସ୍କୋ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ଫାଷ୍ଟଏଡ୍, ସିପିଆର୍, ଏଫ୍‌ବିଏଓ, ଫାୟାର ଫାଇଟିଙ୍ଗ, ସର୍ପଦଂଶନ ପ୍ରତିକ୍ରିୟା ଏବଂ ଆପାତକାଳୀନ ସ୍ଥିତିରେ ଉଦ୍ଧାର ପ୍ରବନ୍ଧନ ବିଷୟରେ ତାଲିମ ଏବଂ ଅଭ୍ୟାସ କରିଥିଲେ।

## ଜିଲ୍ଲା ଜୁନିୟର ରେଡ୍‌କ୍ରସ କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର, ୧୯।୮ (ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟସ୍ଥ ସଭାକକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରେଡକ୍ରସ ସଚିବ ରୋଜଲୀନା ତିର୍କୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ ଓ ସିନ୍ଦୁରପଙ୍କ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀରା ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଚଳିତ ଶିକ୍ଷା ବର୍ଷ ପାଇଁ ସିନ୍ଦୁରପଙ୍କ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜୁନିୟର କ୍ୟାମ୍ପ ଅନୁଷ୍ଠିତ ହେବାନେଇ ସ୍ଥିରୀକୃତ ହୋଇଥିଲା। ଶିକ୍ଷା ବିଭାଗ କର୍ମଚାରୀଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରକ୍ତଦାତା ଗ୍ରୁପ ଗଠନ, ବୃକ୍ଷରୋପଣ ଓ ସଡ଼କ ସୁରକ୍ଷା ସଚେତନତା ଏବଂ ସମସ୍ତ ବିଦ୍ୟାଳୟରେ ରେଡକ୍ରସ କ୍ଲବ ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ପ୍ରତ୍ୟକ ବ୍ଲକରୁ ୯ ଜଣ ଜୁନିୟର ରେଡକ୍ରସ ସଂଯୋଜକ ଯୋଗ ଦେଇଥିବାବେଳେ ରାଜ୍ୟସ୍ତରୀୟ ପ୍ରାଥମିକ ସହାୟତା ପ୍ରଶିକ୍ଷକ ସତ୍ୟରଞ୍ଜନ ପଣ୍ଡା, ଆନନ୍ଦ ତନସନା ଓ ପ୍ରତାପ ସେନାପତି ଉପସ୍ଥିତ ଥିଲେ।

## ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଆଲୋଚନା

**ସମ୍ବଲପୁର, ୧୯।୮ (ସମିସ):** ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସମ୍ବଲପୁରର ଯୁବ ନେତା ସୁନିଲ ସାଗର ଭେଟି ସହରର ବିଭିନ୍ନ ବିଦ୍ୟାଳୟରେ ଥିବା ଶିକ୍ଷକ ଅଭାବ ବିଷୟରେ ଆଲୋଚନା କରିଥିଲେ। ମନ୍ତ୍ରୀ ସମସ୍ୟାକୁ ଗୁରୁତ୍ୱ ସହ ନେଇ ଶୀଘ୍ର ନୂତନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ବିଭିନ୍ନ ସ୍କୁଲରେ ଶାରୀରିକ ଶିକ୍ଷକ ନିଯୁକ୍ତ ପାଇଁ ମଧ ଦାବି କରିଥିଲେ।



## ଅପରେସନ 'ଗରୁଡ଼'

# ସମ୍ବଲପୁରରେ ୨୦୩ ମାମଲାରେ ୩୬ ଗିରଫ

**ସମ୍ବଲପୁର, ୧୯।୮ (ସମିସ)**

ଅପରେସନ ଗରୁଡ଼ ଅଭିଯାନରେ ସମ୍ବଲପୁର ପୁଲିସକୁ ବଡ଼ ସଫଳତା। ଏହି ଅପରେସନ ଆରମ୍ଭ ହେବା ପୂର୍ବରୁ ଜିଲ୍ଲା ପୁଲିସ ୨୫୨ରୁ ଅଧିକ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରିଥିଲା। କୌଣସି ବି ଅପରାଧ ଘଟିଲେ ପୁଲିସ ୨୪ ଘଣ୍ଟା ଭିତରେ ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି। ଏହା ସହ ଗତ ଜୁନ ଓ ଜୁଲାଇ ମାସରେ ୫୦୦ରୁ ଅଧିକ ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ ହୋଇଥିବା ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି। ସୂଚନା ଅନୁସାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ଅଗଷ୍ଟ ୧ ତାରିଖରୁ ରାଜ୍ୟର ସମସ୍ତ ଜିଲ୍ଲା ପୁଲିସ ଏସପିଙ୍କ ନେତୃତ୍ୱରେ ଏହି ଅପେରସନ ଆରମ୍ଭ ହୋଇଥିଲା। ଏହି ଅଭିଯାନରେ ଜିଲ୍ଲା ପୁଲିସ ଅପରାଧୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ କରିବା, ନିଶା ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ ଏବଂ ଅପରାଧୀଙ୍କୁ ଗିରଫ କରିବା, ଜୁଆ ଆ‡। ଉପରେ ଚଢ଼ାଉ ଏବଂ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ବଲପୁରରେ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅଭିଯାନ ଆରମ୍ଭ ହେବା ଦିନା ଠାରୁ ଗତ ୧୪ ତାରିଖ ପର୍ଯ୍ୟନ୍ତ ୧୨୮ ଟି ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ କରାଯାଇଛି। ସେହିପରି ଅବକାରୀ ମାମଲାରେ ପୁଲିସ ୧୮୦ଟି ମାମଲା ରୁଜୁ କରିଥିବା ବେଳେ ୩୭୪୪ ପାଉଚ ମଦ, ୫୫୦ ଲିଟର ଦେଶି ମଦ ଓ ୨୯୫ ଲିଟର ବିଦେଶୀ ମଦ ଜବତ କରିଛି। ଏହି ମାମଲରେ ୧୮୦ ଜଣ ଅଭିଯୁକ୍ତଙ୍କୁ ନୋଟିସ ଦିଆଯାଇଛି। ବେଆଇନ କଫସିରପ ବିକ୍ରି ଓ ଚାଲାଣ ଅଭିଯୋଗରେ ୧୧ ଟି ମାମଲା ରୁଜୁ ହୋଇ ୨୫୯୯ ବୋତଲ କଫ ସିରପ, ୧୩.୧ ଷ୍ଟ୍ରିପ୍ ନାଇଟ୍ରାଜେପାନ୍ ଟାବଲେଟ୍ ଏବଂ ୨୦ ପ୍ୟାକେଟ ଇଞ୍ଜେକ୍ସନ, ୨ଟି ମୋଟର ସାଇକେଲ ଓ ୫ଟି ମୋବାଇଲ ଫୋନ ଜବତ ହୋଇଛି। ଏଥିରେ ୨୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜୁଆ ଆ‡। ଉପରେ ଚଢ଼ଉ କରି ସମ୍ବଲପୁର ପୁଲିସ ଜିଲ୍ଲା ୧୦ଟି ମାମଲା ରୁଜୁ କରିଥିବା ବେଳେ, ୩୧, ୭୬୦ ଟଙ୍କା, ୩ ଟି ମୋଟର ସାଇକେଲ ଏବଂ ୭ ଟି ମୋବାଇଲ୍ ଫୋନ୍ ଜବତ କରିଛି। ଏହି ମାମଲାରେ ୯ ଜଣଙ୍କୁ ଗିରଫ କରିବା ସହ ୯ ଜଣଙ୍କୁ ନୋଟିସ ଦେଇ ଛାଡି ଦେଇଛି। ଗଞ୍ଜେଇ ଚୋରାଚାଲଣରେ ଗୋଟାଏ ମାମଲା ରୁଜୁ ହୋଇଛି। ଏଥିରେ ୫୦.୫୮ କିଲୋଗ୍ରାମ ଗଞ୍ଜେଇ, ୬୩ ହଜାର ୭୫୦ ଟଙ୍କା ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ବେଆଇନ ବନ୍ଧୁକ କାରବାରରେ ଗୋଟାଏ ମାମଲା ରୁଜୁ କରି ଗୋଟେ ବନ୍ଧୁକ, ୧ ଲକ୍ଷ ୪୫ ହଜାର ୫୦୦ ଟଙ୍କା ଜବତ କରି ୩ ଜଣଙ୍କୁ ଗିରଫ କରିଛି। ଧନୁପାଲି ଥାନା ଅଞ୍ଚଳରେ ଗତକାଲି ହତ୍ୟା ଘଟଣାରେ ପୁଲିସ ଅଭିଯୁକ୍ତ ଉପରେ ଏନକାଉଣ୍ଟର କରିଛି। କୁଖ୍ୟାଦ ଅପରାଧି ନାରେ ପୂର୍ବରୁ ବିଭିନ୍ନ ଅପରାଧିକ ମାମଲା ଥିବାରୁ ପୋଲିସ ଏନକାଉଣ୍ଟର କରିଛି। ଆଗକୁ ଯେଉଁମାନେ ଅପରାଧିକ କାର୍ଯ୍ୟକଳାପ କରିବେ ଏନକାଉଣ୍ଟରରେ ଜବାବ ଦିଆଯିବ ବୋଲି ଆଇଜି ହିମାଂଶୁ ଲାଲ କହିଛନ୍ତି।

**ଅଢେଇ ମାସରେ ୫୦୦ରୁ ଅଧିକ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ**
**୨୫୨ ମହିଳା ଓ ଶିଶୁ ଉଦ୍ଧାର**

## ଓଡ଼ିଆ ଯୁବକଙ୍କ କୃତିତ୍ୱ




କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍ଏଲ୍.(M.L.) ପ୍ରୟୋଗର ଉନ୍ନାତ ଅନୁକଳନା (ଆଲଗୋରିଦମ) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରର ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।

# ଚାଷୀ ସମାବେଶ ପରେ ସାର କଳାବଜାର ନେଇ କୃଷି କାର୍ଯ୍ୟାଳୟ ଘେରଉ

ଭଟଲି,୧୯।୮ (ସମିସ):

ଗତକାଲି ବରଗଡ଼ରେ ବିଜେଡି ପକ୍ଷରୁ ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ବିରାଟ ବିକ୍ଷୋଭ ସମାବେଶ ହୋଇଥିଲା। ଆଜି ପୁଣି ସାର କଳାବଜାରକୁ ନେଇ ଭଟଲି ବ୍ଲକ୍‌ର ବିଭିନ୍ନ ଗାଁର ଚାଷୀ ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିଛନ୍ତି। ବ୍ଲକ୍ କୃଷି ଅଧିକାରୀ ଦେବାଶିଷ ଖମାରୀ ଅନେକ ସମୟ ଆଲୋଚନା ପରେ ଚାଷୀଙ୍କୁ ଉଚିତ ମୂଲ୍ୟରେ ସାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ସାର ଯୋଗାଇ ଦେଇଥିଲେ। ଭଟଲି ବ୍ଲକ୍‌ର ବିଭିନ୍ନ ଗାଁରୁ ଚାଷୀ ସଂଗଠିତ ହୋଇ ସାର କଳାବଜାର ପ୍ରତିବାଦରେ ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ଚାଷୀ ଅଭିଯୋଗ



ଦେଇଥିଲେ ଯେ ଖୋଲାଖୋଲି ଭାବେ ଡିଲର୍ ଏବଂ ହୋଲସେଲର୍ ଅହେତୁକ ଚଢ଼ା ଦରରେ ସାର ବିକ୍ରି କରୁଛନ୍ତି। ୟୁରିଆ ୨୬୬.୫୦ ଟଙ୍କା ଥିବା ବେଳେ ୫୦୦ ଓ ଡିଏପି ୧୩୫୦ ଟଙ୍କା ଥିବା ବେଳେ ୧୭୦୦ ଟଙ୍କାରେ ବିକ୍ରି ହେଉଛି। ସବୁ ଗୋଦାମ ଗୃହରେ ଭରପୂର ମାତ୍ରାରେ ସାର ରହିଛି। ମାତ୍ର ଅଭାବ ଦେଖାଇ ଏପରି ଲୁଟ କରୁଛନ୍ତି ବୋଲି ଚାଷୀ ମାନେ ଅଭିଯୋଗ କରିଥିଲେ। ଆଜି ଟେମରେନ, ଗୋପାଳପୁର, ସୁଲୁସୁଲିଆର ଚାଷୀ ଶହ ଶହ ବସ୍ତା ଡିଏପି, ୟୁରିଆ ଏବଂ ପଟାସ ସାର ଉଚିତ ମୂଲ୍ୟରେ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଅକ୍ଷୟ ପ୍ରଧାନ, ଭରତ ଚନ୍ଦ୍ର ନାୟକ, ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏ ଦିଗରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜୟ କିଷାନ ଆନ୍ଦୋଳନର ସାଧାରଣ ସମ୍ପାଦକ ହର ବଣିଆ ଅନୁରୋଧ କରିଛନ୍ତି।

# ବିଦ୍ୟାଳୟ ପରିସରରେ ଥିବା ଅଚଳ ନଳକୂଅର ମରାମତି



**'ସକାଳ' ପ୍ରଭାବ**

ଥୁଆପାଲି,୧୯।୮ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଭୋଇପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ନଳକୂଅ ମରାମତି ଖବର ସକାଳ ଖବରକାଗଜରେ ପ୍ରକାଶ ପାଇଥିଲା। 'ସକାଳ'ରୁ ଖବର ପଢ଼ି ରମେଶ ମେହେର, ବିନୋଜ କନ୍ଧେର ଓ ଦୀପା ବାରିକ ଏକ୍ସ ସାମାଜିକ ଗଣମାଧ୍ୟମରେ ସରକାରଙ୍କୁ ଜଣାଇଥିଲେ। ଏହାପରେ ଭେଡେନ ବ୍ଲକ୍‌ର ଆରଡବ୍ଲ୍ୟୁ ଏସଏସ ଜେଇ ଅନୀତା ସ୍ୱାଇଁ ରେମଣ୍ଡାର ପାନୀୟଜଳ ଯୋଗାଣ ଅଧିକାରୀ ମାନସ ପ୍ରଧାନଙ୍କୁ ପଠାଇ ଭୋଇପାଲି ବିଦ୍ୟାଳୟ ପରିସରରେ ଥିବା ନଳକୂଅକୁ ମରାମତି କରି ପାନୀୟଜଳର ସମସ୍ୟା ଦୂର କରିଥିଲେ। ଫଳରେ ଭୋଇପାଲି ଗାଁର ୱାର୍ଡ ମେମ୍ବର ଗୋପାଳ ତ୍ରିପାଠୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ "ସକାଳ' ଖବରକାଗଜ ଓ ଭେଡେନ ବ୍ଲକ୍ ଆରଡବ୍ଲ୍ୟୁ ଏସଏସ ଜେଇ ଅନୀତା ସ୍ୱାଇଁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପର୍ବତାରୋହୀ ଆଶୀର୍ବାଦ ମହାପାତ୍ର ସମ୍ବର୍ଦ୍ଧିତ



ଅତାବିରା,୧୯।୮ (ସମିସ): ଅତାବିରା ବ୍ଲକ୍ ସ୍ଥିତ ଅଗ୍ରଣୀ ଶିକ୍ଷାକେନ୍ଦ୍ର ଲରମ୍ଭା ମହାବିଦ୍ୟାଳୟ ପକ୍ଷରୁ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କୁଲୁତା ଟୁକୁରା ନିବାସୀ ଆଶୀର୍ବାଦ ମହାପାତ୍ର ଲରମ୍ଭା ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର। ଏହି ଅବସରରେ ଲରମ୍ଭା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସଭାର ସଭାପତି ଅଶୋକ ମହାନ୍ତି, ମୁଖ୍ୟଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ନେପାଳ ପ୍ରଧାନ, ମୁଖ୍ୟବକ୍ତା ପଞ୍ଚାୟତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ, ଲରମ୍ଭା ମହାବିଦ୍ୟାଳୟର +୨ ଅଧିକାରୀ ଡ.ଦିଗମ୍ବର ଚାନ୍ଦ, ଓଡ଼ିଆ ବିଭାଗମୁଖ୍ୟ ଡ.ଶାନ୍ତିଲତା ବାରିକ ମଞ୍ଚାସୀନ ଥିଲେ। ମାନପତ୍ର ଓ ଉପଢୌକନ ପ୍ରଦାନ ସହ ତାଙ୍କର ଉତ୍ତରୋତ୍ତର ଜୀବନ ସୁଖମୟ କାମନା କରାଯାଇଥିଲା। ଦକ୍ଷିଣ ଆଫ୍ରିକାର ତାଞ୍ଜାନିଆ ସ୍ଥିତ କିଲିମାଞ୍ଜାରୋ ପର୍ବତ ଆରୋହଣର ସ୍ମୃତି ଓ ଅନୁଭୂତିକୁ ପ୍ରକାଶ କରି ଆଗାମୀ ଦିନରେ କିପରି ଅନ୍ୟ ଛାତ୍ରଛାତ୍ରୀ ଏ ଦିଗରେ ସଫଳତା ଆଣିବେ ସେ ଉପରେ ଶ୍ରୀ ମହାପାତ୍ର ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରକାଶ ଯେ, ପୂର୍ବରୁ ଲରମ୍ଭା କଲେଜ ଛାତ୍ରୀ ଲିପିକା ସେଟ ଉକ୍ତ ପର୍ବତ ଆରୋହଣ କରି ଗୌରବ ଆଣି ପାରିଛନ୍ତି। ଗୋଟିଏ କଲେଜରୁ ଦୁଇଜଣ ସଫଳତା ପାଇଥିବାରୁ ଅଞ୍ଚଳରେ ପ୍ରଶଂସା କରାଯାଇଅଛି। ସଭାରେ କଲେଜର ଅଧ୍ୟାପକ ପବିତ୍ର ମାହାଣା, ପ୍ରମୋଦ ଚନ୍ଦ୍ର ସେଠ ସହଯୋଗ କରିଥିଲେ।

# ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ




ପାଇକମାଳ,୧୯।୮ (ସମିସ): ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ମଧୁବନରେ ଆଧ୍ୟାତ୍ମିକ ଚିନ୍ତାଧାରା ବିଷୟରେ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବିଦ୍ୟାଳୟର ପ୍ରକୋଷ୍ଠରେ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ତପନ ଭାଇ, ସୁରୁ ଭାଇ, ସୁଧାକର ଭାଇ, ବିଜୟ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ମନୁଷ୍ୟ ଜୀବନର ଲକ୍ଷ୍ୟ କଣ, ଆପଣ ଆତ୍ମା ଅଟନ୍ତି, ନିରାକାର ପରମାତ୍ମା ଏବଂ ତାଙ୍କର ଦିବ୍ୟଗୁଣ, ସଂସ୍କାର, ମେଡିଟେସନ, ଆତ୍ମାର ସଦ୍‌ଗତି କିପରି ହେଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ସଭାରେ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜ୍ୟୋତିର୍ମୟୀ ପଟ୍ଟନାୟକ, ବବିତା ବେହେରା, ନିରୁପମା ସାହୁ, ସୁଦାମ ପାଣ୍ଡେ, ଯଶୋବନ୍ତ ସାହା, ଶିବମ ନାଏକ, ଛବିଲାଲ୍ ସେଠରଜତ ସାହୁ, ଲଳିତ ବିଶ୍ୱାଳ, ଅମିତ୍ ସାହୁ, ମନୋଜ ସାହୁ, ସ୍ୱାଧୀନ, ମୀନା ଦାସ ପ୍ରମୁକ ସହଯୋଗ କରିଥିଲେ। ଡ.ଦ୍ୱାଦଶ ପଧାନ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧ୍ୟାପକ ଅଧ୍ୟାପିକାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ବରଗଡ,୧୯।୮ (ସମିସ): ଓଡ଼ିଶା ସରକାର ଉଚ୍ଚ ଶିକ୍ଷା ବିଭାଗ ତରଫରୁ ସଦ୍ୟ ପ୍ରକାଶିତ ଅଧ୍ୟାପକ ଅଧ୍ୟାପିକାଙ୍କ ବଦଳି ତାଲିକାରେ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ କାର୍ଯ୍ୟରତ ମୋଟ ୮ ଜଣ ଅଧ୍ୟାପକ ଅଧ୍ୟାପିକାଙ୍କ ବଦଳି ହୋଇଛି। ଗଣିତ ବିଭାଗର ବିଭାଗ ମୁଖ୍ୟ ଡ.ରୋଜାଲିନ୍ ଦାଶ, ଇତିହାସ ବିଭାଗର ବିଭାଗ ମୁଖ୍ୟ ଡ.ବିଭୂତି ଭୂଷଣ ଶତପଥୀ, ମନସ୍ତତ୍ତ୍ୱ ବିଭାଗର ବିଭାଗ ମୁଖ୍ୟ ବେଣୀ ପଟେଲ ଏବଂ ସହକାରୀ ପ୍ରଫେସର ଭୁବନେଶ ବଇସିକା, ରସାୟନ ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ଡ.ସିପୁନ ସେଠୀ ଏବଂ ସହକାରୀ ପ୍ରଫେସର ମାନସରଞ୍ଜନ ଭୋଇ, ଅଧ୍ୟାପକ ଡ.ସୁରେଶ ମାଝୀ ଏବଂ ଅଧ୍ୟାପିକା ରୋଷିନୀ ତିର୍କୀଙ୍କ ବଦଳି ତାଲିକା ପ୍ରକାଶିତ ହୋଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍‌ଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପ୍ରଶାସନିକ ମୁଖ୍ୟ ସହକାରୀ ପ୍ରଫେସର ଡ.ଉମେଶ ଚନ୍ଦ୍ର ମହାପାତ୍ର, ସହକାରୀ ପ୍ରଫେସର ସୁବଳ ମେହେର ଏବଂ ବିଦାୟୀ ଅଧ୍ୟାପକ ଅଧ୍ୟାପିକା ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ସଭାକାର୍ଯ୍ୟକୁ ଉଦ୍‌ଘାଟନ କରି ବିଦାୟୀ ଅଧ୍ୟାପକ ଅଧ୍ୟାପିକାଙ୍କ ସମ୍ପର୍କରେ ନିଜର ଅଭିମତ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଏବଂ ପ୍ରଶାସନିକ ମୁଖ୍ୟ ବିଦାୟୀ ଅଧ୍ୟାପକ ଅଧ୍ୟାପିକାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ସନନ୍ଦପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ସହକାରୀ ପ୍ରଫେସର ଡ.ଉମେଶ ଚନ୍ଦ୍ର ମହାପାତ୍ର, ସୁଶାନ୍ତ ପ୍ରଧାନ ଏବଂ ପୁଷ୍ପିତାରାଣୀ ବେହେରା ବିଦାୟୀ ଅଧ୍ୟାପକ ଅଧ୍ୟାପିକାଙ୍କ ବିଷୟରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସହକାରୀ ପ୍ରଫେସର ସୁବଳ ମେହେର ଏବଂ ସହକାରୀ ପ୍ରଫେସର ସୁଷମା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଛାତ୍ରୀ ସୁରକ୍ଷା ସମ୍ପର୍କୀତ ସଚେତନତା

ବରଗଡ଼,୧୯।୮ (ସମିସ): ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ଛାତ୍ରୀ ସୁରକ୍ଷା ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଡିଏସପି ବରଗଡ଼ ଗୁଇନ୍ଦା ବିଭାଗ ସିପ୍ରା କୁମାରୀ ସଭାପତିତ୍ୱ କରିଥିଲେ। ଲିଙ୍ଗଗତ ସମାନତା, ଛାତ୍ରୀ ସୁରକ୍ଷା ସହାୟତା ଦେୟମୁକ୍ତ ନମ୍ବର, ଛାତ୍ରୀଙ୍କ ଆତ୍ମସମ୍ମାନ ରକ୍ଷା ଏବଂ ଏ ଦିଗରେ ପୁଲିସ କିପରି ସହାୟତା ପ୍ରଦାନ କରିଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବରଗଡ଼ ଏସ୍‌ଆଇ କମଳିନୀ ନାୟକ ଏବଂ ପ୍ରତିମା ଡଙ୍ଗ୍‌ଡୁଙ୍ଗ୍ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଥିବା ପରାମର୍ଶ କେନ୍ଦ୍ର ଏବଂ ଛାତ୍ରୀଙ୍କୁ ସୁରକ୍ଷା ବିଷୟରେ ବକ୍ତବ୍ୟ ରଖିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପ୍ରିଜାଇଡିଂ ଅଫିସର ପ୍ରଫେସର ସୂର୍ଯ୍ୟକାନ୍ତୀ ସିକନ୍ଦର କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ସଂଯୋଜିକା ପ୍ରଫେସର ରାଜଶ୍ରୀ ଭଞ୍ଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଇସିସିର ସଦସ୍ୟା ସହକାରୀ ପ୍ରଫେସର ପଙ୍କଜିନୀ ରାଏ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଏବଂ ଅଧ୍ୟାପିକାମାନେ ଯୋଗ ଦେଇଥିଲେ।

# ୪୦ ବର୍ଷ ହବ ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି ଗ୍ରାମବାସୀ



ଗାଇସିଲେଟ୍,୧୯।୮ (ସମିସ): ଜଙ୍ଗଲର ଉପକାରୀତା ସମସ୍ତଙ୍କୁ ଜଣା। 'ଜଙ୍ଗଲ ସୁରକ୍ଷା, ଜୀବନ ରକ୍ଷା' ବୋଲି ସମସ୍ତେ କହିଲେ ହେଁ, କାଁ ଭାଁ ଲୋକ ହିଁ ଏଥିପ୍ରତି ବାସ୍ତବିକ ଭାବେ ସଚେତନ ରହିଥାନ୍ତି। କିନ୍ତୁ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ କଟାବାହାଲ ପଞ୍ଚାୟତ ପରମାନନ୍ଦପୁର ଗାଁରେ ଏହାର ବିପରୀତ ଏକ ନିଆରା ଚିତ୍ର ଦେଖିବାକୁ ମିଳିଛି। ପରିବେଶ ପ୍ରତି ଗ୍ରାମବାସୀଙ୍କ ନାହିଁ ନଥିବା ମମତା ହଜାର ହଜାର ଏକର ଜଙ୍ଗଲକୁ ସୁରକ୍ଷା ଦେଉଛି। ଜଙ୍ଗଲ ସୁରକ୍ଷାର ଦାୟିତ୍ୱ ନେଇ ଗ୍ରାମବାସୀ ଅଗ୍ନିକାଣ୍ଡ ରୋକିବା ସହ ଜଙ୍ଗଲ ଜଗୁଛନ୍ତି। ଏହି ଗାଁର ଜଙ୍ଗଲ ସୁରକ୍ଷା ଉଦ୍ୟମକୁ ନେଇ ଚାରିଆଡେ ଚର୍ଚ୍ଚା ଜୋର ଧରିଛି। ଜଙ୍ଗଲକୁ ନିଆଁ ଦାଉରୁ ଏବଂ ମାଫିଆଙ୍କ କବଳରୁ ରକ୍ଷା କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଅହରହ ଉଦ୍ୟମ ଜାରି ରହିଛି। ଗାଁରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ରୁହନ୍ତି। ଗତ ୪୦ ବର୍ଷ ତଳେ ନିଜସ୍ୱ ଚିନ୍ତା, ଚେତନାକୁ ପ୍ରୟୋଗ କରି ଏଭଳି ମହତ୍ କାର୍ଯ୍ୟରେ ଗ୍ରାମବାସୀ ନିଜକୁ ସାମିଲ କରିଛନ୍ତି। ପ୍ରତ୍ୟେକ ଦିନ ସକାଳ ହେଲେ ଜଙ୍ଗଲକୁ ସୁରକ୍ଷା ଦେବା ନିଶାରେ ଗାଁରୁ ୧୦ ଜଣ ଲେଖାଏଁ ହାତରେ ଠେଙ୍ଗା, ଟାଙ୍ଗିଆ ଧରି ବାହାରି ପଡନ୍ତି। ଜଙ୍ଗଲ ସୁରକ୍ଷାକୁ ନେଇ ଗାଁରେ ଏକ ସ୍ୱତନ୍ତ୍ର କମିଟି ରହିଛି। ଭାଲୁ ଡୁଙ୍ଗୁରି, ବାରପୁଟା, ବେଲ ଡଙ୍ଗର, ବରଖୋଲ ଭଳି ହଜାର ହଜାର ଏକର ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦେଉଛନ୍ତି ପରମାନନ୍ଦପୁର ଗ୍ରାମବାସୀ। ଜଙ୍ଗଲରେ ଅବାଧ ପ୍ରବେଶ, ନିଆଁ ଦାଉରୁ ରକ୍ଷା ସହ ମୃତ୍ତିକା ସଂରକ୍ଷଣକୁ ବଞ୍ଚେଇ ରଖିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଜ ହାତକୁ ନେଇଛନ୍ତି ଗ୍ରାମବାସୀ। ବନ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ସମୟରେ ଗ୍ରାମବାସୀଙ୍କୁ ଉତ୍ସାହିତ କରାଯାଉଛି। ସରକାରଙ୍କ ପକ୍ଷରୁ କିଛି ସହଯୋଗ ଯୋଗାଇ ଦେଲେ ଆହୁରି ସହଜରେ ଏହି କାର୍ଯ୍ୟକୁ କରିପାରନ୍ତେ ବୋଲି ଗାଁ ଲୋକ କହିଛନ୍ତି। ନିକଟ ଗାଁ କେନ୍ଦୁମାଲ ଅଞ୍ଚଳରୁ କିଛି କାଠ ଚାଲାଣ ହେବାର ଖବର ପାଇଥିଲେ ଜଙ୍ଗଲ କମିଟି। ତୁରନ୍ତ କେନ୍ଦୁମାଲ ଗାଁର ଗାଁବାସୀଙ୍କୁ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଏନେଇ ଗାଁର ୱାର୍ଡ ସଭ୍ୟ ତଥା ପଞ୍ଚାୟତର ନାଏବ ସରପଞ୍ଚ ଉପେନ୍ଦ୍ର ବିଭାରଙ୍କ ନେତୃତ୍ୱରେ ଗାଁରେ ବୈଠକ ବସିଥିଲା। ବୈଠକରେ କେନ୍ଦୁମାଲ ଗାଁରେ ମଧ୍ୟ ଏକ ଜଙ୍ଗଲ ସୁରକ୍ଷା କମିଟି ଗଠନ ହୋଇଥିଲା। ଯାହାର ସଭାପତି ଭାବେ ସର୍ବସମ୍ମତି କ୍ରମେ ଉପେନ୍ଦ୍ର ବିଭାର, ଉପସଭାପତି ସମାରୁ ସାହୁ, ସମ୍ପାଦକ ବିକାଶ ବରିହା, କୋଷାଧ୍ୟକ୍ଷ ଧନଞ୍ଜୟ ସାହୁ, ସଦସ୍ୟ ଦୁର୍ଯ୍ୟୋଧନ ସାହୁ, ସୁଦାମ ସାହୁ, ସରୋଜ ଭଏଷାଲ, ପାଲଙ୍କ କୁମ୍ଭାର, ଲେକୁ ମହାନନ୍ଦ, ଅର୍ଜୁନ କୁମ୍ଭାର, ମକାରୁ ବରିହା, ମହେନ୍ଦ୍ର ବରିହା, ବିନୟ ସାହୁ, ଟିକେଶ୍ୱର ଡନସେନା, ଚତୁର୍ଭୁଜ ବରିହା ପ୍ରମୁଖ ଏହାର ଦାୟିତ୍ୱ ନେଇଥିଲେ। ପରମାନନ୍ଦପୁର ଜଙ୍ଗଲ ସୁରକ୍ଷା କମିଟି ତରଫରୁ ସମସ୍ତଙ୍କୁ କୃତଜ୍ଞତା ଜଣା ହୋଇଥିଲା। ନୂତନ କମିଟିର ସମସ୍ତ ସଦସ୍ୟ ଜଙ୍ଗଲ ଆମର ମା' ବୋଲି କହିବା ସହ ତାର ସୁରକ୍ଷା ଦେବାକୁ ଶପଥ ପାଠ କରିଥିଲେ।। ସମସ୍ତେ ଜଙ୍ଗଲ ସୁରକ୍ଷା ନିମନ୍ତେ ସଚେତନ ହୋଇ ଯଦି ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ନିଜକୁ ସାମିଲ କରିବେ, ତେବେ ପରିବେଶ ତଥା ଜୀବ ଜଗତର କଲ୍ୟାଣ ହେବ ବୋଲି କମିଟି ମତ ପ୍ରକାଶ କରିଛି।

# ନୃସିଂହନାଥରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ପ୍ରତିଷ୍ଠା ଦିବସ

ପାଇକମାଲ,୧୯।୮ (ସମିସ): ପାଇକମାଳ ସ୍ଥିତ ନୃସିଂହନାଥ ମନ୍ଦିର ପରିସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାରେ ଗନ୍ଧମାର୍ଦ୍ଦନ ଆନ୍ଦୋଳନ କର୍ମୀ ମାନଙ୍କୁ ନେଇ ହୋଇଥିବା ଜନ୍ମ ଦିବସ ପାଳନ ଅବସରରେ ବୋଡାସମ୍ବର ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯାଇଛି। ଗାଁ ଗାଁରେ ପରିଷଦ ପ୍ରତିଷ୍ଠା ଦିବସ ପାଳନ, ଗନ୍ଧମାର୍ଦ୍ଦନ ପାହାଡର ଝରଣାରେ ଚେକ ଡ୍ୟାମ ନିର୍ମାଣ, ଗନ୍ଧମାର୍ଦ୍ଦନରୁ ନିର୍ଗତ ଅଙ୍ଗ ନଦୀରେ ଆନିକଟ ନିର୍ମାଣ, ବୃକ୍ଷରୋପଣ କାର୍ଯ୍ୟକ୍ରମ ବଦଳରେ ମଞ୍ଜିରୋପଣ କରି ଜଙ୍ଗଲ ସୃଷ୍ଟି କରିବା, ଗନ୍ଧମାର୍ଦ୍ଦନରୁ ସଗୃହୀତ ଲଘୁବନ ଜାତ ଦ୍ରବ୍ୟକୁ ନେଇ କୁଟୀର ଶିଳ୍ପ କରାଯିବା, ଗନ୍ଧମାର୍ଦ୍ଦନ ଅଞ୍ଚଳରେ କୃଷି ବିଶ୍ୱବିଦ୍ୟାଳୟ କରାଯିବା ସହ ପାହାଡର ସ୍ଥାୟୀ ସୁରକ୍ଷା ନିମିତ୍ତ ଆଲୋଚନା ନିମନ୍ତେ ଯୁବ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ପରିଷଦର ଆବାହକ ଦୁର୍ଯ୍ୟୋଧନ ପୁଟା ପ୍ରକାଶ କରିଛନ୍ତି। ବୈଠକରେ ଯୁବ ପରିଷଦର ନାରୀ ନେତ୍ରୀ ଭାମା ଯୁଆଡି, ପ୍ରତିମା ବଗାର, ଅନୁସୂୟା ଭୋଇ, ବିମଳା ବାଗ, ରାଜୀ ବାରିକ, ଓମ୍ କାନ୍ତି ସାହୁ, ଅଲଖ ଧରୁଆ, ଶୁକ୍ରୁ ସାହୁ ଓ ଲିଙ୍ଗରାଜ ପ୍ରଧାନ, ସାମ୍ବାଦିକ ଧିରେନ୍ ମହାନ୍ତି, ଦିଲ୍ଲୀପ ବେହେରା, ସୁରେଶ ଚନ୍ଦ୍ର ପ୍ରଧାନ, ଝସକେତନ ସାହୁ, ତୋଲାମଣି ପାଣ୍ଡେ, ଦୟାନନ୍ଦ ମାଝୀ, ସୁରେଶନ ଭୋଇ, କୀର୍ତ୍ତନ ଦାଉ, ପୁରନ୍ଦର ସାହୁ, କୈଳାସ ଦିଶ୍ରି, ଦିବ୍ୟ ହଂସ, ବିନୋଦ ସେଠ ପ୍ରମୁଖ ଯୋଗ ଦେଇଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୪୧ ତମ ପ୍ରତିଷ୍ଠା ଦିବସ ଉପରେ ସ୍ମୃତିଚାରଣ, ଆନ୍ଦୋଳନର ରୂପରେଖ ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସଭା ପରିଚାଳନା ଦୁର୍ଯ୍ୟୋଧନ ପୁଟା ପରିଚାଳନା କରିଥିବା ବେଳେ ପୂର୍ବତନ ଆବାହକ ରାହାସ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।

# ଶନିଦେବଙ୍କ ଜନ୍ମୋତ୍ସବ ଉଦ୍‌ଯାପିତ

ଭଟଲି,୧୯।୮ (ସମିସ): ଭଟଲି କୁସନପୁରୀ ବିଜୟା ଛକ ସ୍ଥିତ ଶ୍ରୀ ଶନିଦେବ ମହାପ୍ରଭୁଙ୍କ ଜନ୍ମୋତ୍ସବ ତିନି ଦିନ ଧରି ପାଳନ ହୋଇ ଉଦ୍‌ଯାପିତ ହୋଇଛି। ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ସହ ନିକଟସ୍ଥ ଚକ୍ରବନ୍ଧ ପୋଖରୀକୁ ଯାଇ ପୂଜାପୂର୍ବକ କଳସ ଜଳ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ଶନିବାର ନବଗ୍ରହଙ୍କ ସହିତ ଅଧିଦେବତା, ପ୍ରତ୍ୟଧିଦେବତା ତଥା ଶନିଦେବଙ୍କର ଷୋଡ଼ଷ ଉପଚାର ପୂଜା କରାଯାଇଥିଲା। ସେହିପରି ରବିବାର ଓ ସୋମବାର ପୂର୍ବବତ୍ ପୂଜାର୍ଚ୍ଚନା ପରେ ପୂର୍ଣ୍ଣାହୁତି, ଆଳତି, ପୁଷ୍ପାଞ୍ଜଳୀ କରି ପୂଜା ସମାପନ କରାଯାଇଥିଲା। ମୁଖ୍ୟ ପୂଜକ ଭାବେ ପଣ୍ଡିତ ରୂପେଶ୍ୱର ମହାପାତ୍ର ଏବଂ ପଣ୍ଡିତ ବୁଲୁ ତ୍ରିପାଠୀ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। କୀର୍ତ୍ତନ ମେହେର ଓ ତାଙ୍କ ସହଧର୍ମିଣୀ ବବି ମେହେର କର୍ତ୍ତା ଭାବେ ପୂଜାକାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଭୀମସେନ ମେହେର, ଝାରୁ ମେହେର, ପ୍ରହଲ୍ଲାଦ ମେହେର, ପ୍ରଦୀପ ମେହେର, କୈଳାଶ ମେହେର ଓ ଲବ ମେହେର ସମେତ ମନ୍ଦିର ପରିଚାଳନା କମିଟିର ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ପ୍ରତ୍ୟହ ସଂଧ୍ୟାରେ ବିଭିନ୍ନ ଗାଁର କୀର୍ତ୍ତନ ଧାରା ଏବଂ ବୈଠକି କୀର୍ତ୍ତନ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିଦିନ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# ପ୍ରଶାସନର ଅଣଦେଖାରୁ ରାସ୍ତାଘାଟ ଅବସ୍ଥା ଶୋଚନୀୟ

ବରଗଡ଼,୧୯।୮ (ସମିସ):

ମାତ୍ର କିଛି ବର୍ଷ ପୂର୍ବରୁ ବରଗଡ଼ ସହର ସ୍ୱଚ୍ଛତା ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ରାସ୍ତାଘାଟ, ଲାଇଟ୍ ବ୍ୟବସ୍ଥା, ସଫେଇ କାର୍ଯ୍ୟ ଆଦିକୁ ନେଇ ସବୁଆଡ଼େ ସୁନ୍ଦର ପରିବେଶ ରହିଥିଲା। ହେଲେ ଏଇ କିଛି ମାସ ଭିତରେ ସହର ସାରା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସହରର ରାସ୍ତା ଲୋକଙ୍କ ପାଇ ମରଣଯନ୍ତା ସାଜିଛି। ବରଗଡ଼ ସହର ମଧ୍ୟରେ ଥିବା ମୁଖ୍ୟରାସ୍ତାଠୁ ଧରି ପ୍ରାୟ ସମସ୍ତ ରାସ୍ତାର ପିଚୁ ଉଠିଯିବା ସହିତ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ପ୍ରଶାସନ ସବୁ ଦେଖି କି ଆଖି ବୁଜି ଦେଇଛି। କୌଣସି ଏକ ବଡ଼ ଦୁର୍ଘଟଣାକୁ ପ୍ରଶାସନ ଅପେକ୍ଷା କରିଥିବା ଲୋକେ କହିଛନ୍ତି। ବରଗଡ଼ରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା



ଦୁର୍ଘଟଣାକୁ ଅପେକ୍ଷା କରିଛି ବରଗଡ଼ ପ୍ରଶାସନ

ଏକମାତ୍ର ମୁଖ୍ୟ ରାସ୍ତା ବରଗଡ଼ ଭଟଲି ରାସ୍ତା, ରାଣା ପ୍ରତାପ ସ୍କୁଲ ପାଖରେ ରହିଥିବା ଓଭରବ୍ରିଜ ତଳେ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ରାସ୍ତାରେ ଦୁଇଫୁଟିଆ ଗାତ ସୃଷ୍ଟି ହେବା ସହିତ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ବର୍ଷା ସମୟରେ ପ୍ରାୟ ତିନିଫୁଟ ପାଣି ଏଠାରେ ଜମି ରହୁଥିବା ବେଳେ ବର୍ଷା ଛାଡି ଯିବାର ସପ୍ତାହେ ପର୍ଯ୍ୟନ୍ତ ଗାତ ମାନଙ୍କରେ ପାଣି ଜମି ରହୁଛି। ଯଦ୍ୱାରା ପ୍ରତ୍ୟକ ଦିନ ଏଠାରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ସେହି ରାସ୍ତା ଦେଇ ପାଠ ପଢ଼ିବାକୁ ଯାଉଥିବା ବେଳେ ଛାତ୍ରଛାତ୍ରୀ ଉପରେ କାଦୁଅ ଛିଟା ପଡୁଥିବାରୁ ଅନେକ ଥର ବିଦ୍ୟାଳୟକୁ ଯାଇ ନପାରି ଘରକୁ ଫେରୁଥିବା ଦେଖା ଦେଉଛି। ଗାନ୍ଧୀ ଛକ ଠୁଁ ଲମ୍ବା ବିଲ୍ଡିଂ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଅନେକ ଜାଗାରେ ପିଚୁ ଉଠି ଗଲାଣି। ମାସାଧିକ କାଳ ହେଲେ ସେହି ରାସ୍ତାରେ ସମସ୍ତଙ୍କ ଯିବା ଆସିବା ହେଉଛି ହେଲେ କାହାରି ନଜର ନାହିଁ। କୋଉଠି ଦୁର୍ଘଟଣା ଘଟିବା ମାତ୍ରେ ହମ୍ପଟେ ନିର୍ମାଣ କରି ବିଭାଗୀୟ ଅଧିକାରୀ କାମ ସାରି ରହି ଯାଉଛନ୍ତି। ରାସ୍ତା ଗୁଡିକ ପ୍ରତି ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଦୃଷ୍ଟି ଦେବା ସହିତ ଅତିଶୀଘ୍ର ମରାମତି କରାଇବାକୁ ଜଣସାଧାରଣ ଅନୁରୋଧ କରିଛନ୍ତି।

■ ଜିଲ୍ଲାପାଳଙ୍କ ଝାରବନ୍ଧ ଗସ୍ତ

# ପିଏଚ୍‌ସି ଜମି ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ

ଝାରବନ୍ଧ,୧୯।୮ (ସମିସ): ବରଡଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମଙ୍ଗଳବାର ଝାରବନ୍ଧ ଗସ୍ତରେ ଆସି ବ୍ଲକ୍ ମୁଖ୍ୟାଳୟରେ ଥିବା ଝାରବନ୍ଧ ପିଏଚସି ଏବଂ ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି)କୁ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରର ସୁବିଧା ଅସୁବିଧା ବୁଝିଛନ୍ତି। ଝାରବନ୍ଧ ପିଏଚସିରେ ବାଉଣ୍ଡରି କାମ ଯୋଜନା ଥିବାରୁ ଝାରବନ୍ଧ ପିଏଚସିର ଜମିରେ ଜବରଦଖଲ କରିଥିବା ଜବରଦଖଲକାରୀଙ୍କୁ ଶୀଘ୍ର ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କୋଠାକୁ ଶୀଘ୍ର



ମରାମତି କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ରହିଛି। ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ଜମିକୁ ଯାଇ ପରିଦର୍ଶନ କରି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତରେ ପଦ୍ମପୁର ଏସଡିଏମଓ ଡ.ଆଶୁତୋଷ ହୋତା, ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ଡଭା ସ୍ୱାସ୍ଥ୍ୟ ଅଧିକାରୀ ଯଶୋବନ୍ତ ମେହେରଙ୍କ ସହିତ ଏନଏଚଏମ ଜେଇ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଧ୍ୱମେଇଯାଇଛି ବିକାଶ କାର୍ଯ୍ୟ, କ୍ଷମତାହୀନ ଜନପ୍ରତିନିଧି

ସମ୍ବଲପୁର,୧୯।୮ (ସମିସ)



ସମ୍ବଲପୁର ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ଧ୍ୱମେଇ ଯାଇଥିବା ବେଳେ ଜନପ୍ରତିନିଧିଙ୍କୁ କ୍ଷମତାହୀନ କରାଯାଉଛି। ବିଭିନ୍ନ ପଞ୍ଚାୟତରେ ହେଉଥିବା ବିକାଶମୂଳକ କାର୍ଯ୍ୟ ନେଇ ଜନପ୍ରତିନିଧି ଅବଗତ ନୁହଁନ୍ତି। ଏହାକୁ ନେଇ ବିଜେଡିର ଏକ ଜନପ୍ରତିନିଧି ଦଳ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରିବାସହ ଜିଲ୍ଲାର ସମସ୍ତ ୪ଟି ନିର୍ବାଚନମଣ୍ଡଳୀ ଅଞ୍ଚଳର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଆଲୋଚନା କରିଛନ୍ତି। ପ୍ରତିନିଧି ଦଳରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ, ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ରେଙ୍ଗାଲି ବ୍ଲକ୍ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ।

ପଞ୍ଚାୟତ ସମିତିକୁ ଅଣଦେଖା କରାଯାଉଛି। ବିଧାୟକଙ୍କୁ କ୍ଷମତା ହ୍ରାସ କରାଯାଇ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଉଛି, ଏହା ଗଣତନ୍ତ୍ରର ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି, ଏହା ଗଣତନ୍ତ୍ରର ହତ୍ୟା ବୋଲି କହିଛନ୍ତି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ। ଲୋକେ ବହୁତ ଆଶା କରି ଜଣେ ପ୍ରତିନିଧିଙ୍କୁ ନିର୍ବାଚିତ କରି ପଠାଇଥାନ୍ତି, ତାଙ୍କୁ ଯଦି କ୍ଷମତାହୀନ କରିଦିଆଯାଏ ତାହେଲେ ଲୋକେ କାହାଠାରୁ ଆଶା ରଖିବେ। ଆଜି ଯେତେ ପ୍ରକଳ୍ପ ଦିଆଯାଉଛି ପଞ୍ଚାୟତ ସମିତି ମାଧ୍ୟମରେ ସମିତି ସଭ୍ୟ, ବ୍ଲକ୍ ଚେୟାରମ୍ୟାନ ଜାଣିପାରୁନାହାନ୍ତି। ଏହା ଦୁର୍ଭାଗ୍ୟର କଥା। ତେବେ, ପ୍ରକଳ୍ପ ଦେଉଛି କିଏ ଏବଂ ପାସ୍ କିଏ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ଏସି ଚ୍ୟାମ୍ବରରେ ବସି ସେମାନେ ପ୍ରକଳ୍ପ ଲେଖି ଦେଉଛନ୍ତି ତେବେ ପଞ୍ଚାୟତ ସମିତିର ଆବଶ୍ୟକତା ନାହିଁ, ପଞ୍ଚାୟତ ସମିତିରେ ଯେତେ ନିର୍ବାଚିତ ଜନପ୍ରତିନିଧିଙ୍କ ଆବଶ୍ୟକତା ନାହିଁ। ଏମାନେ ଏବେ ଅମଲାତାନ୍ତ୍ରିକ ସରକାର ଭାବେ ତାଙ୍କ କାର୍ଯ୍ୟ ଆରମ୍ଭ କରିଦେଲେଣି ବୋଲି ବିଧାୟକ ଶ୍ରୀ ହରିପାଲ ଅଭିଯୋଗ କରିଛନ୍ତି। ଗଣତନ୍ତ୍ରରୁ ଆମେ ରାଜତନ୍ତ୍ରକୁ ଫେରୁଛୁ ଭଳିଆ ଲାଗୁଛି। ଏପରିହେଲେ ଲୋକମାନେ ଆଉ ଭୋଟ୍ ଦେବାକୁ ମଧ୍ୟ ଆସିବେ ନାହିଁ। ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ଜାଗାରେ ଯେଉଁ ପ୍ରକଳ୍ପ ଦିଆଯାଇଛି, ତାହା ଆମ ନିର୍ବାଚିତ ପ୍ରତିନିଧିମାନେ ଜାଣିନାହାନ୍ତି, ଏହା ହିଁ ମୁଖ୍ୟ ସମସ୍ୟା ବୋଲି ସେ କହିଛନ୍ତି। ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ କହିଛନ୍ତି, ଜିଲ୍ଲାର ସମସ୍ତ ୪ଟି ବିଧାନସଭା

### ଅଞ୍ଚଳର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା

ନିର୍ବାଚନମଣ୍ଡଳୀର ଉନ୍ନତି ସକାଶେ ଆଜି ଆସିଛୁ। ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଲେଖାଏ ଉନ୍ନତି ପାଇଁ ଦିଆଯାଇଥିଲା। ତାହାକୁ ଫେରସ୍ତ ନନେଇ ଅଧିକ ଟଙ୍କା ଦେଇ ପଞ୍ଚାୟତ ଗୁଡ଼ିକୁ ବିକଶିତ କରିବାର ଥିଲା। ସାଧାରଣରେ ଏହାକୁ ନେଇ କ୍ଷୋଭ ପ୍ରକାଶ ପାଉଛି। ଆଗକୁ କିପରି କାମ ଭଲ ଭାବେ ହୋଇପାରିବ ତାହା ଦେଖିବା କଥା। ଲୋକେ ଡବଲ୍ ଇଞ୍ଜିନ ସରକାରରେ ବହୁତ କିଛି ଆଶା କରିଥିଲେ, କିନ୍ତୁ କାମ ଗୁଡ଼ିକ ଠପ୍ ହୋଇଯାଇଥିବାରୁ ଲୋକମାନେ ବିକାଶମୂଳକ କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ତାହାକୁ ନେଇ ଚିନ୍ତାରେ ପଡ଼ିଲେଣି ବୋଲି ଶ୍ରୀମତୀ ନାୟକ କହିଛନ୍ତି। ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲଙ୍କ ଅନୁଯାୟୀ, ସମ୍ବିଧାନ ଆମକୁ ଯେଉଁ କ୍ଷମତା ଦେଇଛି, ଲୋକମାନେ ଆମକୁ ନିର୍ବାଚିତ କରି ବସେଇଛନ୍ତି, ସେଠାରେ କ୍ଷମତା ନେବାପାଇଁ କୌଣସି ବି ଲୋକ କିଏ? ସମ୍ବିଧାନ ଅନୁଯାୟୀ ଆମ ଗ୍ରାମାଞ୍ଚଳରୁ ଯେତେ ବି ପ୍ରକଳ୍ପ ଆସିବ ତାହା ପ୍ରଥମେ ଗ୍ରାମସଭାରେ ପାସ ହେବ, ସମିତିରେ ପାସ ହେବ, ସମିତିରୁ ତାହା ଅନୁମୋଦନ ପାଇଁ ଜିଲ୍ଲାପାଳଙ୍କ ପାଖକୁ ଆସିବ। ତେବେ ଏହି ପ୍ରକ୍ରିୟାରେ ହେଉନାହିଁ। ଗ୍ରାମସଭା, ସରପଞ୍ଚ, ସମିତି ସଭ୍ୟ କେହି ଜାଣୁନାହାନ୍ତି, ସେମାନେ ପ୍ରକଳ୍ପ କେଉଁଠୁ ଆଣୁଛନ୍ତି ତାହା ତାଙ୍କୁ ହିଁ ଜଣା। ପ୍ରକଳ୍ପ ପାସ୍ ହେଲାପରେ ଆମେ ଜାଣୁଛୁ, ତେବେ ପ୍ରକଳ୍ପ କିଏ ଦେଲା ତାହା ଜଣାନାହିଁ ବୋଲି ଶ୍ରୀ ଅଗ୍ରୱାଲ କ୍ଷୋଭ ବ୍ୟକ୍ତ କରିଛନ୍ତି। ପୂର୍ବରୁ ଯେଉଁ ପ୍ରକଳ୍ପ ପ୍ରସ୍ତାବ ଦିଆଯାଇଥିଲା ତାହା ନଥିବାରୁ ଲୋକେ ଜନପ୍ରତିନିଧିଙ୍କୁ ଅବିଶ୍ୱାସ କରୁଛନ୍ତି ଏବଂ ସରକାରଙ୍କୁ ମଧ୍ୟ ଅବିଶ୍ୱାସ କରୁଛନ୍ତି ବୋଲି ଜଣେ ଜନପ୍ରତିନିଧି ଅଭିଯୋଗ କରିଛନ୍ତି।



ଲହଡ଼ି ମାରୁଛି କାଶତଣ୍ଡୀ ଫୁଲ (ସ୍ଥାନୀୟ ସମ୍ବଲପୁରୀ ଭାଷାରେ କାଏଁଶ୍ ଫୁଲ୍)

## ଗୁଣି ଗାରେଡ଼ି ସଂପର୍କିତ ଅଭିଯୋଗ

କୁଚିଣ୍ଡା,୧୯।୮ (ସମିସ): ଆଜିର ଡିଜିଟାଲ ଯୁଗରେ ଲୋକେ ଏବେ ବି ଗୁଣି ଗାରେଡ଼ି ଭଳି ଅନ୍ଧ ବିଶ୍ୱାସକୁ ଗ୍ରହଣ କରି ନାନା ପ୍ରକାର ଅସାମାଜିକ ବାତାବରଣ ସୃଷ୍ଟି କରୁଛନ୍ତି। ବାମରା ବ୍ଲକ୍ ଅନ୍ତର୍ଗତ କୁଟାରିମାଲ ଗ୍ରାମର ଜଣେ ମହିଳାଙ୍କୁ ସେହିଗାଁର ୨ ଜଣ ବ୍ୟକ୍ତି , ଗୁଣି ଗାରେଡ଼ି କରିଛନ୍ତି ବୋଲି ଗୁଜବ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୀଡ଼ିତ ବ୍ୟକ୍ତିମାନେ ଗୋବିନ୍ଦପୁର ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, କୁଟାରିମାଲ ଗ୍ରାମର ଚୈତନ୍ୟ ପଟେଲ(୫୨) ଓ ରୁଦ୍ର ପୋଢ଼(୫୦) ଦୁଇ ଜଣ ମିଶି ସେହିଗ୍ରାମର ଲଳିତା ପଟେଲ(୪୦)ଙ୍କୁ ଗୁଣି ଗାରେଡ଼ି କରିଛନ୍ତି ବୋଲି ସେ ନିଜେ ବୁଲିବୁଲି ଚାରିଆଡ଼େ ଲୋକଙ୍କୁ କହି ଆସୁଛନ୍ତି। ହେଲେ ଉକ୍ତ କଥାକୁ ନେଇ ଗ୍ରାମରେ ଗଣ୍ଡଗୋଳ ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥିବା ଜାଣିପାରି ଗତ ସୋମବାର ଦିନ ଗ୍ରାମରେ ବୈଠକ ବସିବା ପରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇ ଗୋବିନ୍ଦପୁର ଥାନାର ସବ ଇନ୍ସପେକ୍ଟର ଦେବଜାନୀ ଛତର ଉଭୟ ପକ୍ଷକୁ ମଙ୍ଗଳବାର ଦିନ ଥାନାକୁ ଡକାଇ ପଚରାଉଚୁରା କରିଥିଲେ। ଏଥିରେ ଲଳିତା ପଟେଲଙ୍କ ବାପା ମିତ୍ରଭାନୁ(୬୫) ନିଜ ଝିଅର କାର୍ଯ୍ୟକଳାପକୁ ନେଇ ଲଜ୍ଜିତ ହୋଇ ପରେ ଆଉ ଏଭଳି କରିବେ ନାହିଁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହା ସହ ନିଜ ଝିଅର ମାନସିକ ସ୍ଥିତି ଠିକ ନ ଥିବାରୁ, ତାଙ୍କୁ ହସ୍ପିଟାଲକୁ ନେଇ ଉତ୍ତମ ଚିକିତ୍ସା କରାଇବେ ବୋଲି ମଧ୍ୟ କହିଛନ୍ତି। ଉଭୟ ପକ୍ଷ ଆପୋଷ ବୁଝାମଣା ହୋଇଥିଲେ। ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ଥିବାବେଳେ, ଏହା ପଛରେ କେହି ଷଡ଼ଯନ୍ତ୍ର କରି ଆମକୁ ବଦନାମ କରିବାକୁ ଚେଷ୍ଟା ଚାଲିଛି ବୋଲି ପୀଡ଼ିତମାନେ କ୍ଷୋଭ ପ୍ରକାଶ କରିଛନ୍ତି।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବୋମାଲଇ ରାସ୍ତା କାର୍ଯ୍ୟର ଭୂମିପୂଜା

ସମ୍ବଲପୁର,୧୯।୮ (ସମିସ): ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଲପଙ୍ଗା ଠାରୁ ବୋମାଲୋଇ ପର୍ଯ୍ୟନ୍ତ ଦୀର୍ଘ ୮୦୦ ମିଟର ଦୂରତାର ରାସ୍ତା କାର୍ଯ୍ୟ ପାଇଁ ଭୂମିପୂଜା ହୋଇଛି। ଏହି ରାସ୍ତା ନିର୍ମାଣ ହେଲେ ୨ ଟି ପଞ୍ଚାୟତର ପ୍ରାୟ ୧୦ ହଜାର ଜନସାଧାରଣ ଉପକୃତ ହେବେ। ରାସ୍ତା ଦେଇ ପ୍ରତିଦିନ ଶତାଧିକ ଗାଡ଼ି ଗମନା ଗମନ କରୁଛନ୍ତି। ଉତ୍ତମ ରାସ୍ତା ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୂମି ପୂଜା ଉତ୍ସବରେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବୋମାଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ପଧାନ ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ। ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ ଯୋଗଦେଇ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର କରିବା ପାଇଁ କହିଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ରବି ନିୱାଶ ଓ ଉପ ପ୍ରବନ୍ଧକ ମନୋରଂଜନ ବେହେରା ପରିଚାଳନା କରିଥିଲେ। ସ୍ଥାନୀୟବାସିନ୍ଦା ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିବା ସହିତ କମ୍ପାନୀକୁ ସାଧୁବାଦ ଜ୍ଞାପନ କରିଥିଲେ।

## ବିପର୍ଯ୍ୟୟ ପରିଚାଳନା ପରିଚିତିକରଣ କାର୍ଯ୍ୟକ୍ରମ

ସମ୍ବଲପୁର,୧୯।୮ (ସମିସ): ଐତିହାସିକ ଚନ୍ଦ୍ର ଶେଖର ବେହେରା ଜିଲ୍ଲା ସ୍କୁଲରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍‌ଡିଆର୍‌ଏଫ୍) ଦ୍ୱାରା ବିପର୍ଯ୍ୟୟ ପରିଚାଳନା ଉପରେ ପରିଚିତିକରଣ କାର୍ଯ୍ୟକ୍ରମ (ଫାମେକ୍ସ) ଏବଂ ଗୋଷ୍ଠୀ ସଚେତନତା (ସିଏପି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୦୩ ବାଟାଲିୟନ ଏନ୍‌ଡିଆର୍‌ଏଫ୍, ମୁଣ୍ଡଳୀ, କଟକର ଇନ୍ସପେକ୍ଟର ଅଭିଜିତ ସାହୁ ଓ ସବ୍‌ଇନ୍ସପେକ୍ଟର ଅଭିଷେକ ଶର୍ମା ଯୋଗ ଦେଇଥିଲେ। ଇନ୍ସପେକ୍ଟର ଶ୍ରୀ ସାହୁ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍‌ଡିଆର୍‌ଏଫ୍)ର ସ୍ଥାପନା, ଗଠନ ତଥା କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏନ୍‌ଡିଆର୍‌ଏଫ୍ ସଦସ୍ୟ ପ୍ରଭାତ ପଟେଲ ତାଙ୍କ ସହକର୍ମୀଙ୍କ ସହିତ ଛାତ୍ରଛାତ୍ରୀମାନଙ୍କୁ ବନ୍ୟା, ଭୂମିକମ୍ପ, ବାତ୍ୟା, ଅଂଶୁଘାତ, ସର୍ପ ଦଂଶନ, ତଥା ବୁଡି ଯାଉଥିବା ଲୋକଙ୍କୁ ଉଦ୍ଧାର ଏବଂ ହୃଦଘାତ ଜନିତ ରୋଗୀଙ୍କୁ କିପରି କାଡର୍ିଓପଲ୍‌ମୋନାରି ରିସସିଟେସନ୍ (ସିପିଆର୍) ଦିଆଯାଇ ଜୀବନ ରକ୍ଷା କରାଯାଇପାରିବ ତାହାର ସବିଶେଷ ପ୍ରଦର୍ଶନ କରି ଦେଖାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଦିଲ୍ଲୀପ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟତମ ବରିଷ୍ଠ ଶିକ୍ଷକ କୁଳମଣି ଦାଶ ସଭା ପରିଚାଳନା ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁଯୋମୁରା କଲେଜରେ ପରିଚାଳନାଗତ ବିଶୃଙ୍ଖଳା ଅଭିଯୋଗ

ସମ୍ବଲପୁର, ୧୯।୮ (ସମିସ): ସମ୍ବଲପୁର ଜିଲ୍ଲା ଯୁଯୋମୁରାସ୍ଥିତ ବୀର ସୁରେନ୍ଦ୍ର ସାଏ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ପରିଚାଳନାଗତ ବିଶୃଙ୍ଖଳାକୁ ନେଇ ସ୍ଥାନୀୟ ଜନସାଧାରଣ, ପରିଚାଳନା କମିଟି ସଦସ୍ୟ, ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ଗତ ୧୭ ତାରିଖ କଲେଜର ପ୍ରତିଷ୍ଠା ଦିବସକୁ ସ୍ଥାନୀୟ କୌଣସି ଜଣେ ବି ସଦସ୍ୟଙ୍କୁ ନିମନ୍ତ୍ରଣ କରାନଯିବା, ପ୍ରତିଷ୍ଠାତା ବରିଷ୍ଠ ସଭ୍ୟମାନଙ୍କୁ ଅଣଦେଖା କରିବା, ଅଧ୍ୟାପକମାନେ ନିୟମିତ ଠିକ୍ ସମୟରେ କଲେଜକୁ ନଆସିବା, କଲେଜରେ କୌଣସି ପ୍ରକାର ଉତ୍ସବ ପାଳନ ବା ପିଲାଙ୍କ ଗୁଣାତ୍ମକ ଶିକ୍ଷାପାଇଁ କିଛି ବ୍ୟବସ୍ଥା ନହେବା, ପାଠପଢ଼ା ଓ ଖେଳକୁଦ ପ୍ରତି ଆବଶ୍ୟକୀୟ ପ୍ରୋତ୍ସାହନ ନଦେବା, ତିନିବର୍ଷ ବିତିଯାଇଥିଲେ ସୁଦ୍ଧା ରୌପ୍ୟଜୟନ୍ତୀ ପାଳନ ନ ହେବା, ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ସଭାରେ ଆଲୋଚନା ହୋଇଥିଲା। ସଭ୍ୟମାନେ ପ୍ରତିଷ୍ଠା ଦିବସ ପରି ସ୍ମରଣୀୟ ଦିବସକୁ ପାଳନ ନ କରିବାକୁ ନିଷ୍ପତ୍ତି ନେବା ଘଟଣାକୁ ଦୁର୍ଭାଗ୍ୟଜନ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ସରକାରଙ୍କ ଅନୁଦାନ ପାଇବା ଆଳରେ କଲେଜ ପ୍ରତିଷ୍ଠା କ୍ଷେତ୍ରରେ ଅବଦାନ ଥିବା ପ୍ରତିଷ୍ଠାତା ସଭ୍ୟମାନଙ୍କୁ ଭୁଲିଯିବା ଘଟଣାକୁ ସଭାରେ ନିନ୍ଦା କରାଯାଇଥିଲା। ପିଲାଙ୍କ ପାଠପଢ଼ାକୁ ପ୍ରାଥମିକତା ଦେଇ ଏକ ଶୃଙ୍ଖଳିତ ପରିବେଶ ସୃଷ୍ଟି କରିବାକୁ ସଭ୍ୟମାନେ ଆହ୍ୱାନ ଦେଇଥିଲେ। ବୈଠକରେ ଏ ଅଞ୍ଚଳର ଅନେକ ବୁଦ୍ଧିଜୀବୀ, ପ୍ରତିଷ୍ଠାତା ସଭ୍ୟ, ଲୋକପ୍ରତିନିଧି, ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ଡୁମ୍ବେରବାହାଲରେ ଅବସରକାଳୀନ ସମ୍ବର୍ଦ୍ଧନା

ପାଇକମାଲ,୧୯।୮ (ସମିସ): ପାଇକମାଲ ବ୍ଲକ୍ ଡୁମ୍ବେରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାଣ୍ଡୋସିଲ କ୍ଲଷ୍ଟର ସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଦିନମଣି ସୁନା ସଭାର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପ୍ରମୋଦ ଭୋଇ ଯୋଗ ଦେଇଥିଲେ। ଏହି ଅବସରରେ ପାଇକମାଲ ଏବିଇଓ ଧଳେନ୍ଦ୍ର ବାରିକ ଓ ନିଳାଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମ୍ପଦ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ମାଣ୍ଡୋସିଲ କ୍ଲଷ୍ଟର ସ୍ତରର ସିଆରସିସି, ଶିକ୍ଷକ ତଥା ଶିକ୍ଷୟିତ୍ରୀମାନେ ଥିଲେ। ବାବୁଲାଲ ଧରୁଆ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଡେଜଲିଙ୍ଗ ଦନ୍ତା ଧନ୍ୟବାଦ ଦେଇଥିଲେ।

## ଗୁଦେରପାଲି ମହାବିଦ୍ୟାଳୟରେ ସଂସ୍କୃତ ଦିବସ

ଗାଇସିଲେଟ,୧୯।୮ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ଅଧୀନ ଗୁଦେରପାଲି ଯୁକ୍ତ ଦୁଇ କଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରୀତିଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଂସ୍କୃତ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ନବଭାରତ ବିଦ୍ୟାୟତନ ନୂଆପାଲିର ଆଚାର୍ଯ୍ୟ ନେତ୍ରାନନ୍ଦ ମହାପାତ୍ର ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ପୁଞ୍ଜିପଥରର ସଂସ୍କୃତ ଶିକ୍ଷକ ଦେବରାଜ ସାହୁ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଦ୍ୱାରା 'ବଦତୁ ସଂସ୍କୃତଂ ଜୟତୁ ଭାରତଂ' ଉକ୍ତିରେ ମହାବିଦ୍ୟାଳୟ ପ୍ରକମ୍ପିତ ହୋଇଥିଲା। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ଅଧ୍ୟାପକ ମୁକେଶ ସାହୁ, ଚମ୍ପେଶ୍ୱର ସେଠ, ନରେନ୍ଦ୍ର ଦେହେରୀ ଅଧ୍ୟାପିକା ଲୋପାମୁଦ୍ରା ପ୍ରଧାନ, ହେତୁ ପାତ୍ର, ଲିଙ୍ଗ ହାତୀ ଓ କୁଶ ପାତ୍ର ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଅର୍ଚ୍ଚନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଇମ୍ପେରିୟଲ କଲେଜରେ ସମାଜସେବୀ ଗୀତାଞ୍ଜଳୀ ଜେ ଅଙ୍ଗମୋଙ୍କ କାର୍ଯ୍ୟକ୍ରମ

ବରଗଡ଼,୧୯।୮ (ସମିସ): ପ୍ରସିଦ୍ଧ ସମାଜସେବୀ, ଶିକ୍ଷାବିତ୍ ଏବଂ ହିମାଲୟନ୍ ଇନଷ୍ଟିଚ୍ୟୁଟ ଅଫ୍ ଅଲ୍ଟରନେଟିଭ୍‌ସର ସ୍ଥାପିକା ସାମାଜିକ କର୍ମୀ ଓ ଶିକ୍ଷା ସୁଧାରକ ଗୀତାଞ୍ଜଳୀ ଜେ ଅଙ୍ଗମୋ ସୋମବାର ବରଗଡ଼ ଇମ୍ପେରିୟଲ କଲେଜରେ ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଭବିଷ୍ୟତରେ ଶିକ୍ଷାର ୫ଟି ସ୍ତମ୍ଭ ଉପରେ ବକ୍ତୃତା ଦେଇଥିଲେ। ଏହି ଅଧିବେଶନରେ ଛାତ୍ରଛାତ୍ରୀ ଦକ୍ଷତା ଭିତ୍ତିକ ଶିକ୍ଷା, ସମ୍ପ୍ରଦାୟର ଆବଶ୍ୟକତା ଓ ସହାନୁଭୂତିଶୀଳ ନେତୃତ୍ୱ ଉପରେ ଆଲୋଚନାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଇମ୍ପେରିୟଲ କଲେଜର ନିର୍ଦ୍ଦେଶକ ଦିପକ ଗୋୟଲ ଗୀତାଞ୍ଜଳୀ ଜେ ଅଙ୍ଗମୋଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଲାବଣ୍ୟ ପଣ୍ଡା ଓ ଭି ମୋହନା ହରିଣୀ ପରିଚାଳନା କରିଥିଲେ।

## ରସାନନ୍ଦ ସାମଲଙ୍କ ପରଲୋକ

ପାଇକମାଲ,୧୯।୮ (ସମିସ): ବରଗଡ଼ ଜିଲ୍ଲା ବିଜେପି ଉପସଭାପତି ସରୋଜ ସାମଲଙ୍କ ପିତା ରସାନନ୍ଦ ସାମଲ (୮୪)ଙ୍କ ସୋମବାର ପାଇକମାଲ ବାସଭବନରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ସେ ଦୀର୍ଘ ଦିନରୁ ଶଯ୍ୟାଶାୟୀ ରହି ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ପାଖରେ ତାଙ୍କର ଧର୍ମପତ୍ନୀ ଦେବକୀ ସାମଲ, ପୁତ୍ର ସରୋଜ ସାମଲ, ପୁତ୍ରବଧୂ ଅନୀମା ରାଉତ, ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନ ଘାଟରେ ଅଞ୍ଚଳର ଶତାଧିକ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ କରାଯାଇଥିଲା। ତାଙ୍କର ପୁତ୍ର ସରୋଜ ମୁଖାଗ୍ନି ଦେଇଥିଲେ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଅନେକ ବିଶିଷ୍ଟ ବ୍ୟକ୍ତି, ରାଜନୈତିକ ଶୁଭେଚ୍ଛୁ ସହକର୍ମୀ ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି।

## ପଞ୍ଚାୟତ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

ପାଇକମାଲ,୧୯।୮ (ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲ ଜୁନିଅର କଲେଜ ପରିସରରେ ଶ୍ରୀଜଗନ୍ନାଥ ଯୁବ ସଙ୍ଗଠନ ଉପସ୍ଥିତରେ ମାଣ୍ଡୋସିଲ ପଞ୍ଚାୟତ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସର୍ବସମ୍ମତି କ୍ରମେ ଡିସେମ୍ବର ମାସରେ କ୍ରୀଡା ପ୍ରତିଯୋଗିତା କରିବା ପାଇଁ ସ୍ଥିର ହୋଇଛି। ବୈଠକରେ ଗୋକୁଳାନନ୍ଦ ଡନସନା, ବୈବସ୍ୱତ ପ୍ରଧାନ, ମହେନ୍ଦ୍ର ଖୁଣ୍ଟିଆ, ଶରତ ଚନ୍ଦ୍ର ହଂସ, ତପନ ବହିଦାର, ରାଜୀବ ସାହୁ, ଋଷଦେବ ରଣା, ପ୍ରଦୀପ ଦାଶ, ଚନ୍ଦ୍ର ବିରାଟ, ମଣ୍ଟୁ ରଣା, ମହେନ୍ଦ୍ର ମଲ୍ଲିକ, ବେଦବ୍ୟାସ ପୁଟା, ରିଙ୍କୁ ସାହୁ, ଅକ୍ଷୟ ସାହୁ, ଅନିଲ ଦାସ, ଅଜୟ ଖୁଣ୍ଟିଆ, ଭୂପେନ୍ଦ୍ର ସାହୁ, ମାନସ ନାୟକ, ଗୋପିନାଥ ସାହୁ, ଘନ ବଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବୈବସ୍ୱତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଶ୍ରୀମଦ୍‌ଭାଗବଦ୍ ଗୀତା ଓଡ଼ିଆ ପଦ୍ୟାନୁବାଦ ପାଠକାର୍ପଣ

ବରଗଡ଼,୧୯।୮ (ସମିସ): ଶ୍ରୀମଦ୍‌ଭାଗବଦ୍ ଗୀତାର ପଦ୍ୟାନୁବାଦର ପାଠକାର୍ପଣ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ହିନ୍ଦୀ ବିଭାଗ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସାଧିକା କବି ପାର୍ବତୀ ଦାଶଙ୍କ ଦ୍ୱାରା ଅନୁଦିତ ପାଠକାର୍ପଣ ଉତ୍ସବରେ ସାହିତ୍ୟିକ ମନୋରଞ୍ଜନ ମେହେର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସମୀକ୍ଷକ ଭାବେ ସ୍ତମ୍ଭକାର ଡ.ସୁଜିତ ପୃଷେଠ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡଙ୍ଗୀ ମୂଳ ଶ୍ରୀମଦ୍‌ଭାଗବତ ଗୀତା ପୁସ୍ତକ ସହ ଅନୁଦିତ ପୁସ୍ତକଟିର ଏକ ତୁଳନାତ୍ମକ ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରମୋଦ ହୋତା, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ପୁସ୍ତକଟିକୁ ଲୋକାର୍ପିତ କରିଥିଲେ। ଶିଶୁ ସାହିତ୍ୟିକ ଡ.ରବିନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ବହୁ ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ, ସାହିତ୍ୟିକ ଯୋଗ ଦେଇଥିଲେ। ପୁସ୍ତକର ସ୍ରଷ୍ଟା ପାର୍ବତୀ ଦାଶ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ତେଜସ୍ୱୀ ହିନ୍ଦୁ ସାହୁ ଶ୍ରୀମଦ୍‌ଭାଗବଦ୍ ଗୀତାଙ୍କୁ କଣ୍ଠସ୍ଥ କରି ଉପସ୍ଥାପନ କରିଥିଲେ। ତରଣୀସେନ ଗୁରୁ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିନା ସୂଚନା ଫଳରେ ନିମ୍ନମାନର ଜିପିଏଲଏଫ୍ ଗୃହ ନିର୍ମାଣ

କୁଚିଣ୍ଡା,୧୯।୮ (ସମିସ): କୁଚିଣ୍ଡା ବ୍ଲକ୍ ଅନ୍ତର୍ଗତ ପାରୁଆଭାଡିରେ ଜିପିଏଲଏଫ୍ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଛି। ମାତ୍ର ଏହାର କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ଲଗାଯାଇ ନ ଥିବା ବେଳେ କାମଟି ମଧ୍ୟ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କୁଚିଣ୍ଡା ପଞ୍ଚାୟତ ସମିତିର କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ବର୍ତ୍ତମାନ ପାରୁଆଭାଡି ଠାରେ ୨୨ ଲକ୍ଷ ଟଙ୍କା ବିନିମୟରେ ଜିପିଏଲଏଫ୍ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଛି। ମାତ୍ର ସରକାରୀ ନିୟମକୁ ବେଖାତିର କରି କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ତିଆରି କରାଯାଇ ନାହିଁ। ଏହା ସହିତ କୋଠରୀ ଗୁଡିକର ବେସରେ ବାଲି ବଦଳରେ ମାଟି ଭର୍ତ୍ତି କରାଯାଇଛି। କାନ୍ଥ ଯୋଡେଇ ପାଇଁ ବ୍ୟବହାର ହେଉଥିବା ଇଟା ଓ ବାଲି ଅତି ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ବାଲି ଓ ସିମେଣ୍ଟ ମିଶ୍ରଣରେ ପରିମାଣ ମଧ୍ୟ ସଠିକ ମାତ୍ରାରେ ହେଉନାହିଁ। ଏହି ଗୃହର ସ୍ଥାୟୀତ୍ୱ ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଗତ ସୋମବାର ଦିନ ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ନିର୍ମାଣସ୍ଥଳୀ ପରିଦର୍ଶନ କରି ଅସନ୍ତୋଷ ପ୍ରକାଶ କରିଥିଲେ। ନିମ୍ନମାନର ନିର୍ମାଣ କାର୍ଯ୍ୟ ଚାଲୁଥିବା ଗ୍ରାମବାସୀ ସଂପୃକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କୁ ସୂଚନା ଦେବା ପରେ ବର୍ତ୍ତମାନ କାମଟି ବନ୍ଦ ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ବାବଦର ମତାମତ ପାଇଁ କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପ୍ରଗଣିଆଙ୍କୁ ଯୋଗାଯୋଗ କରିବାରୁ ଏହି ସୂଚନା ମୁଁ ଆଗରୁ ପାଇଛି ଏବଂ ଠିକାଦାରକୁ ସେଠାରୁ ମାଟି କାଢ଼ି ବାଲି ଭର୍ତ୍ତି କରିବାକୁ ଓ ଇଟା ବଦଳାଇ ଭଲ ଇଟା ଆଣି କାମରେ ବ୍ୟବହାର କରିବାକୁ କହିଛି ବୋଲି ସୂଚନା ଦେଇଥିଲେ।

## ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀଅରବିନ୍ଦ ଜୟନ୍ତୀ

ପାଇକମାଲ,୧୯।୮ (ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷାକେନ୍ଦ୍ର ସଭାପତି ଗୋକୁଳାନନ୍ଦ ଡନସନାଙ୍କ ସଭାପତିତ୍ୱରେ ୧୫୩ ତମ ଶ୍ରୀଅରବିନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବବିତା ପ୍ରଧାନ ଦୁର୍ଗାସ୍ତୋତ୍ର ପଠନ କରିଥିବା ବେଳେ ଜଗନ୍ନାଥ ରଣା ମାଁ ବହି ପଠନ କରିଥିଲେ। ମୁଖ୍ୟ ଅତିଥି ଭାବେ ବରଗଡ଼ ମହିଳା ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପିକା ଡ.ସଙ୍ଘମିତ୍ରା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ଶିକ୍ଷାକେନ୍ଦ୍ର ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ, ଅଧ୍ୟକ୍ଷ ଗଙ୍ଗାଧର ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ଅନିରୁଦ୍ଧ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପରେ ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟକ୍ଷ ଗଙ୍ଗାଧର ରଣା ଧନ୍ୟବାଦ ଦେଇଥିଲେ।

**ଝାରବନ୍ଧ:** ଝାରବନ୍ଧ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ଶ୍ରୀଅରବିନ୍ଦଙ୍କର ଜନ୍ମ ଦିନ ପାଳନ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଜଗଦିଶ ସାହୁ, ଅଇଁଠା ପ୍ରଧାନ ଯୋଗ ଦେଇ ଶ୍ରୀ ଅରବିନ୍ଦଙ୍କ ଜୀବନ ଦର୍ଶନ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ କୈଳାଶ ରଣା ପରିଚାଳନା କରିଥିଲେ। ଏହି ଅବସରରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ନିକତା ସିଦାର ଦୁର୍ଗାସ୍ତୋତ୍ର ପଠନ କରିଥିବା ବେଳେ ମାତୃମନ୍ତ୍ର ଆସା ଧରେଇ ଗାନ କରିଥିଲେ। ମାଆ ପୁସ୍ତକ କଲ୍ୟାଣି ଦଳ ପଠନ କରିଥିବା ବେଳେ ଧ୍ୟାନ ଓ ପ୍ରାର୍ଥନା ସୌଦାମିନି ଦାସ ପଠନ କରିଥିଲେ ଏବଂ ବାଣୀ ଯଶୋବନ୍ତି ସିଦାର ପଠନ କରିଥିଲେ। ଶେଷରେ ଦୁଇ ମିନିଟ ନିରବ ପ୍ରାର୍ଥନା ପୂର୍ବକ ଅଜିତ ସାହୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଚେରଙ୍ଗାଝାଞ୍ଜି କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା

ପାଇକମାଲ,୧୯।୮ (ସମିସ): ପାଇକମାଲ ବ୍ଲକ୍ ଚେରଙ୍ଗାଝାଞ୍ଜି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଉଗ୍ରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ବିଦ୍ୟାଳୟ ସାଧନ ସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ପଦ୍ମଲୋଚନ ସାହୁ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସହଦେବ ମାଝୀ, ସିଆରସିସି ଉଗ୍ରସେନ ପ୍ରଧାନ ଓ କ୍ଷିତେଶ୍ୱର ଗଏଁତା ଡ୍ରପଆଉଟ ପିଲାଙ୍କୁ ମୁଖ୍ୟ ସ୍ରୋତରେ ଫେରାଇ ଆଣିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଗତ ଗ୍ରୀଷ୍ମ ଅବକାଶରେ ଶିକ୍ଷକମାନେ ଘରକୁ ଘର ଯାଇ ଅଧାରୁ ପାଠପଢ଼ା ଛାଡ଼ିଥିବା ପିଲାଙ୍କ ସର୍ଭେ କରିଥିଲେ। ସର୍ଭେ ଅନୁସାରେ ବରତୁଣ୍ଡା ପଞ୍ଚାୟତର ୬୪ ଜଣ ଓ ଜାମସେଡ ପଞ୍ଚାୟତର ୯ ଜଣ ଡ୍ରପଆଉଟ ଛାତ୍ରଛାତ୍ରୀ ଚିହ୍ନଟ ହୋଇଥିଲେ। ସେହି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସରକାର ଆସ ଆମେ ସ୍କୁଲଯିବା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏସଆଇଓଏସ ଓ ଏନଆଇଓଏସ ମାଧ୍ୟମରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାସ କରିବାର ବ୍ୟବସ୍ଥା ଏବଂ ଆଇଟିଆଇ ଭଳି ଧନ୍ଦାମୂଳକ ଶିକ୍ଷାରେ ନାମ ଲେଖାଇ ଅଧାରୁ ପାଠ ଛାଡୁଥିବା ପିଲା ଉପକୃତ ହୋଇପାରିବେ। କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଗ୍ରାମବାସୀ, ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ବ୍ୟାନର ପୋଷ୍ଟର ଧରି ଗାଁ ପରିକ୍ରମା କରିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଚୋରି ଘଟଣାର ଅଭିଯୁକ୍ତ କୋର୍ଟ ଚାଲାଣ

କୁଚିଣ୍ଡା,୧୯।୮ (ସମିସ): ଗତ ଜୁନ ମାସ ୫ ତାରିଖ ଦିନ ବାମରା ନିକଟ ତାଲଡିହି ମୁଖ୍ୟ ଛକ ଠାରେ ଥିବା ବାମରା (ପଣ୍ଡରିପଥର) ଗ୍ରାମର ଶେଖ ଇସାକଙ୍କ ଗ୍ୟାରେଜରୁ ୨ଟି ଗ୍ୟାସ କଟର ସହ ଅନ୍ୟାନ୍ୟ ପାର୍ଟସ ଚୋରି ହୋଇଥିଲା। ଏହାକୁ ନେଇ ସେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନାରେ କେଶ ନମ୍ବର ୭୩/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିଲା। ଗ୍ୟାରେଜ ପାଖରେ ଥିବା ସିସିଟିଭି ଫୁଟେଜକୁ ଆଧାର କରି ଚୋରି ଅଭିଯୁକ୍ତଙ୍କ ପରିଚୟ ପଣ୍ଡରିପଥର ଗ୍ରାମର ଅମିତ ସିଂ ବାଲି(୩୦) ବୋଲି ଜଣାପଡିଥିଲା। ମଙ୍ଗଳବାର ଦିନ ଚୋରି ଘଟଣାର ଅଭିଯୁକ୍ତ ଅମିତକୁ ଗିରଫ କରି କୁଚିଣ୍ଡା କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରାଧିନ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ପର୍ବ

ବରଗଡ଼,୧୯।୮ (ସମିସ)

ବରଗଡ଼ ସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ରାଷ୍ଟ୍ରୀୟ ଏକତା ପର୍ବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼, ବଲାଙ୍ଗିର, ସୋନପୁର, ନୂଆପଡା, ଖରିଆର, ଧର୍ମଗଡ ଓ ଭବାନୀପାଟଣାର ମୋଟ ୮ଟି କେନ୍ଦ୍ରୀୟ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ



ବରଗଡ଼ ଜିଲ୍ଲାର ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ରାୟ ସ୍ୱାଗତ ଭାଷଣ କରିବା ସହିତ ରାଷ୍ଟ୍ରୀୟ ଏକତା ଶିବିରର ମହତ୍ତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦଳଗତ ଭାବେ ମହାରାଷ୍ଟ୍ରର କଳା ସଂସ୍କୃତି ଉପରେ ଆଧାରିତ ସମୂହ ଗାନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ତା ସହିତ ସ୍ୱଦେଶୀ ମୃତ୍ତିକା ହସ୍ତଶିଳ୍ପ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀ ମୀମାଂସା ଦାସ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲଷ୍ଟର୍ ସ୍ତରୀୟ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନେ ଭୁବନେଶ୍ୱର ଠାରେ ହେବାକୁଥିବା ଆଞ୍ଚଳିକ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଶେଷରେ ବିଦ୍ୟାଳୟର ଶିକ୍ଷକ ଯୋଗେଶ ରାଣା ଧନ୍ୟବାଦ ଜ୍ଞାପନ କରିଥିଲେ।

